ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

AJIKALI

Morning Edition    ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


ଆଜି - ଶନିବାର
ତାରିଖ - ୧୮ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୦୫
ତିଥି - ପ୍ରତିପଦ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଅଶ୍ୱିନୀ, ମେଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୧: ୦୦
ସୂର୍ଯ୍ୟାସ୍ତ - ୬ : ୦୨ : ୦୦

"ଜୀବନ ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସବୁ ସମ୍ପର୍କରେ ଜୀବନ ରହିବା ମଧ ତତୋଧିକ ଗୁରୁତ୍ୱପୂର୍ଣ୍ଣ ।।"
- ସ୍ୱାମୀ ବିବେକାନନ୍ଦ


E-mail: ajikalibls@gmail.com    E-News : www.Ajikali epaper.com

Vol.- 41 ISSUE- 05 R.N.I. REGD. No. 44026/86 ବାଲେଶ୍ୱର ୧୮ ଅପ୍ରେଲ ୨୦୨୬ ଶନିବାର BALASORE 18 APRIL 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ରାଜ୍ୟସଭାରେ ଉଦ୍‌ବୋଧନ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ଉଦବୋଧନ ଦେଇଛନ୍ତି । ଏହି ଅବସରରେ ସେ ଲଗାତାର ତୃତୀୟ ଥର ପାଇଁ ରାଜ୍ୟସଭାର ଉପାଧକ୍ଷ ଭାବରେ ନିର୍ବାଚିତ ହୋଇଥିବା ଶ୍ରୀ ହରିବଂଶଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଏହି ଐତିହାସିକ ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଶ୍ରୀ ହରିବଂଶଙ୍କ ପ୍ରତି ସଦନର ଗଭୀର ବିଶ୍ୱାସ ଏବଂ ଏହି ଅନୁଷ୍ଠାନକୁ ସେ ଆଣିଥିବା ମୂଲ୍ୟବାନ ଅଭିଜ୍ଞତାକୁ ପ୍ରତିଫଳିତ କରିଥାଏ । କ୍ରମାଗତ ତୃତୀୟ ଥର ପାଇଁ ନିର୍ବାଚିତ ହେବା ତାଙ୍କର ଅଭିଜ୍ଞତା, ସମାବେଶୀ ଆଭିମୁଖ୍ୟ ଏବଂ ମର୍ଯ୍ୟାଦାପୂର୍ଣ୍ଣ କାର୍ଯ୍ୟଶୈଳୀ ଉପରେ ସଦନର ଅନୁମୋଦନ ବୋଲିଶ୍ରୀ ମୋଦୀ କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ୧୭ ଏପ୍ରିଲ ତାରିଖ ଅତି ଗୁରୁତ୍ୱପୂର୍ଣ୍ଣ କାରଣ ଏହା ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ର ଶେଖରଙ୍କ ଜନ୍ମବାର୍ଷିକୀ ।ଚନ୍ଦ୍ର ଶେଖର ଜୀଙ୍କ ସହିତ ଶ୍ରୀ ହରିବଂଶଙ୍କ ଘନିଷ୍ଠ ସମ୍ପର୍କ ଥିଲା । ତାଙ୍କ ରାଜନୈତିକ ଯାତ୍ରାରେ ଉପାଧକ୍ଷ ଶ୍ରୀ ହରିବଂଶ ତାଙ୍କର ସାଥୀ ଭାବରେ କାର୍ଯ୍ୟ କରିଥିଲେ । ସେ ତାଙ୍କ ଜୀବନୀ ଉପରେ ପୁସ୍ତକ ମଧ ଲେଖିଛନ୍ତି ।'ଚନ୍ଦ୍ର ଶେଖର ଜୀଙ୍କ ଜନ୍ମବାର୍ଷିକୀରେ ଆପଣଙ୍କର ତୃତୀୟ କାର୍ଯ୍ୟକାଳ ଆରମ୍ଭ ହେବା ଏହି ଅବସରକୁ ବିଶେଷ ଅର୍ଥପୂର୍ଣ୍ଣ କରିଛି'' ବୋଲି ଶ୍ରୀ ମୋଦୀ କହିଥିଲେ । ସାମ୍ବାଦିକତାରେଶ୍ରୀ



ହରିବଂଶଙ୍କ ଜାଜ୍ଜୁଲ୍ୟମାନ କ୍ୟାରିୟରକୁ ପ୍ରଧାନମନ୍ତ୍ରୀ ମନେ ପକାଇଥିଲେ । ସେ କହିଥିଲେ, ଉଚ୍ଚ ମାନର ଏବଂ ପ୍ରଭାବଶାଳୀ ଲେଖା ପାଇଁ ତାଙ୍କର ସମର୍ପଣ ରହିଛି ।ଗୁଜରାଟରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ମଧ ସେ ନିୟମିତ ଭାବରେ ଶ୍ରୀ ହରିବଂଶଙ୍କ ଲେଖା ପଢୁଥିଲେ । ଲେଖାରେ ଗଭୀର ଅଧ୍ୟୟନ ଏବଂ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ ହୋଇଥିଲା ।ତାଙ୍କ ଲେଖାରେ ତୀକ୍ଷ୍ଣ ଧାର ଥିଲେ ମଧ ତାଙ୍କ ଭାଷଣ ଓ ଆଚରଣ ସର୍ବଦା କୋମଳ ଓ ସୌଜନ୍ୟପୂର୍ଣ୍ଣ ରହି ଆସିଛି ବୋଲିଶ୍ରୀ ମୋଦୀ କହିଥିଲେ । ସାମ୍ବାଦିକତା ସମୟରେ ଶ୍ରୀ ହରିବଂଶଙ୍କ ଧାରାବାହିକ ସ୍ତମ୍ଭ'ହମାରା ସାଂସଦ କୈସା ହୋ' (ଆମ ସାଂସଦ କିପରି ହେବା ଉଚିତ) ଭଳି ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଏହି ଅଭିଜ୍ଞତାର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଥିଲେ, ଉଭୟ ଗୃହର ନୂତନ ସାଂସଦମାନେ ସଂସଦୀୟ ଆଚରଣ, ମର୍ଯ୍ୟାଦା ଏବଂ ଦାୟିତ୍ୱ ଉପରେ ଶ୍ରୀ ହରିବଂଶଙ୍କ ଅନ୍ତର୍ଦ୍ଦୃଷ୍ଟିରୁ ବହୁତ କିଛି ଶିଖିପାରିବେ । ''ସେ ମଧ ଦିନେ ଏହି ପଦବୀରେ ଦାୟିତ୍ୱ ଗ୍ରହଣ କରିବେ ବୋଲି ହୁଏତ' ଜାଣିନଥିଲେ, କିନ୍ତୁ ତାଙ୍କର ଲେଖାଗୁଡ଼ିକ ଲେଖାଗୁଡ଼ିକ ବିଷୟବସ୍ତୁର ଗଭୀରତାକୁ ଛୁଇଁ ପାରିଥିଲା,'' ପ୍ରଧାନମନ୍ତ୍ରୀ କହିଥିଲେ । ଶ୍ରୀ ହରିବଂଶଙ୍କ ବ୍ୟକ୍ତିତ୍ୱର ସାର୍ବଜନୀନ ଗ୍ରହଣୀୟତା ପଛରେ ତାଙ୍କର ଆଦର୍ଶ ସମୟାନୁବର୍ତିତା, ଶୃଙ୍ଖଳିତ ଜୀବନ ଏବଂ କର୍ତବ୍ୟ ପ୍ରତି ଗମ୍ଭୀରତା ଭଳି ପ୍ରମୁଖ କାରକ ରହିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରଶଂସା କରି କହିଥିଲେ । ରାଜ୍ୟସଭା ସଦସ୍ୟ ହେବା ପରେ ଶ୍ରୀ ହରିବଂଶ ସଦନରେ ପୂର୍ଣ୍ଣ ଉପସ୍ଥାନ ବଜାୟ ରଖିଛନ୍ତି । ଅଧକ୍ଷତା କରୁନଥିବା ସମୟରେ ମଧ ଅଧିବେଶନରେ ଉପସ୍ଥିତ ରହିଛନ୍ତି । ଏହା ତାଙ୍କର ଉତରଦାୟିତ୍ୱ ପ୍ରତି ସମର୍ପଣକୁ ପ୍ରତିଫଳିତ କରିଥାଏ ଏବଂ ଆମ ପାଇଁ ଏକ ଉଦାହରଣ ସୃଷ୍ଟି କରିଥାଏ ବୋଲି ଶ୍ରୀ ମୋଦୀ କହିଥିଲେ ।ସଂସଦୀୟ କର୍ତବ୍ୟ ବ୍ୟତୀତ ଶ୍ରୀ ହରିବଂଶଙ୍କର ଅସାଧାରଣ ଲୋକସମ୍ପର୍କ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ, ସେ ବିଶେଷ କରି ଯୁବବର୍ଗଙ୍କ ସହିତ କାମ କରିବାକୁ ପସନ୍ଦ କରିଥା'ନ୍ତି । ପ୍ରଭାବଶାଳୀ ପରିସଂଖ୍ୟାନ ପ୍ରଦାନ କରି ସେ କହିଥିଲେ, ୨୦୧୮ରେ ଉପାଧକ୍ଷ ପଦବୀ ଗ୍ରହଣ କରିବା ପରେ ଶ୍ରୀ ହରିବଂଶ ଦେଶର ବିଭିନ୍ନ ସ୍ଥାନରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ୩୫୦ରୁ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ।

# ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଂଟନ ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଂଟନ ଉପରେ ସମୀକ୍ଷା କରି ସାରର ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ପ୍ରତ୍ୟେକ ଚାଷୀ, କ୍ଷୁଦ୍ର ହୁଅନ୍ତୁ ବା ନାମମାତ୍ର, ସମସ୍ତେ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଜନିତ ପରିସ୍ଥିତି ଯୋଗୁଁ ସାର ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଛି । ତେଣୁ, ଖରିଫ ଋତୁରେ ଯେପରି ଚାଷୀ ଉଚିତ୍ ମୂଲ୍ୟରେ ଆବଶ୍ୟକତା ଅନୁଯାୟୀ ସାର ପାଇବେ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଜି ଜିଲ୍ଲାପାଳମାନଙ୍କ ସହ ଭିଡ଼ିଓ କନ୍ଫରେନ୍ସିଂ ଜରିଆରେ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାରର ଉପଲବ୍ଧତା ସମ୍ପର୍କରେ ଉପସ୍ଥାପନା ରଖି କହିଥିଲେ ଚଳିତ ବର୍ଷ କେନ୍ଦ୍ର ସରକାର ବିଭିନ୍ନ ସାର ପାଇଁ ୧୧,୪୨,୯୫୦ମେଟ୍ରିକ ଟନର ସାର ଯୋଗାଇଦେବେ । ଏପ୍ରିଲ ମାସ ପାଇଁ ୭୯,୬୩୦ମେଟ୍ରିକ ଟନ



ସାର ଆବଶ୍ୟକ ଥିବାବେଳେ, ଏପ୍ରିଲ ୧୫ସୁଦ୍ଧା ୩,୬୧,୪୯୦ମେଟ୍ରିକ ଟନ୍ ସାର ଉପଲବ୍ଧ ଅଛି । ରାଜ୍ୟରେ ସାର ହୋଲସେଲର ବିକ୍ରେତାମାନଙ୍କ ସଂଖ୍ୟା ୧୦୨୯ଥିବାବେଳେ ଖୁଚୁରା ବିକ୍ରେତାଙ୍କ ସଂଖ୍ୟା ୧୨,୦୯୩ଅଛି । ବିଭିନ୍ନ ସାର ଯୋଗାଣ କମ୍ପାନୀଙ୍କ ପକ୍ଷରୁ ସାର ଯୋଗାଣ ମଧ ଠିକ୍ ରହିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଡିଲର ପଏଂଟ ଯାଂଚ କରାଯାଇ ୬ଟି ଲାଇସେନ୍ସ ବାତିଲ୍ କରାଯାଇଛି । ବୈଠକରେ ସୂଚନା ଦିଆଯାଇଥିଲା ଯେ, କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ଏକ ଇଂଟିଗ୍ରେଟେଡ୍ ଫର୍ଟିଲାଇଜର ମ୍ୟାନେଜମେଂଟ ସିଷ୍ଟମ ଆରମ୍ଭ କରାଯାଇଛି ।ଏଥିରେ ପ୍ରତ୍ୟେକ ଜିଲ୍ଲାର ଦୈନିକ ସାର ଉପଲବ୍ଧତା ଓ ଆବଂଟନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି । ଜିଲ୍ଲାପାଳମାନଙ୍କ ସହିତ ସାର ଯୋଗାଣ ପରିସ୍ଥିତି ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଜ୍ୟରେ ବର୍ତମାନ ୧.୭୭ଲକ୍ଷ ମେଟ୍ରିକ ଟନ ୟୁରିଆ ଓ ୬୦ ହଜାର ମେଟ୍ରିକ ଟନରୁ ଅଧିକ ଡିଏପି ସାର ମହଜୁଦ ଅଛି । ତେବେ ପରିସଂଖ୍ୟାନରେ ସୀମିତ ନ ରହି ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, ଛୋଟ ଚାଷୀ ହେଉ ବା ନାମମାତ୍ର, ବର୍ତମାନ ସମୟରେ ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁରୂପ ସାର ପାଇବ ତାହାକୁ ଜିଲ୍ଲାପାଳ ମାନେ ସୁନିଶ୍ଚିତ କରନ୍ତୁ । ଏଥିପାଇଁ ମୁଖ୍ୟମନ୍ତ୍ରୀ ୬ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ ଯେ, କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ମଝିରେ ମଝିରେ ସାର ସମ୍ପର୍କରେ ପରାମର୍ଶ ଦେଉଛନ୍ତି । କୃଷି ବିଭାଗ ଅଧିକାରୀମାନେ ଏହାକୁ ଅନୁସରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମଧ ଆଲୋଚନାରେ ଅଂଶ ଗ୍ରହଣ କରି ଅଧିକାରୀମାନଙ୍କୁ ସାର ବଂଟନ ବ୍ୟବସ୍ଥା ସୁନିୟନ୍ତ୍ରୀତ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ୍ ଏବଂ କୃଷି ଓ ସମବାୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଅଳ୍ପରେ ଖବର

- ବିଜେପି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଶୁକ୍ରବାର ଦିନ ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ଏହି ସମୟରେ ଓଡିଶାର ସମଗ୍ର ଉନ୍ନତି ସହିତ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସମ୍ପୂର୍ଣ୍ଣ ଆଲୋଚନା କରିଥିବା ଶ୍ରୀ ସାମଲ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରିଛନ୍ତି ।
- ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଅଧକ୍ଷତାରେ ରାଜ୍ୟ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ହୋଇଯାଇଅଛି ।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କବିବର ରାଧାନାଥ ରାୟଙ୍କ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଉତ୍କଳ ଭାରତୀଙ୍କ ଅନନ୍ୟ ସାରସ୍ୱତ ସାଧକ କବିବର ରାଧାନାଥ ରାୟଙ୍କ ପୁଣ୍ୟତିଥି ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
- ଜଙ୍ଗଲରେ ନିଆଁ ଲାଗିବା ରୋକିବା ପାଇଁ ଆମେ ଏଆଇ ଟେକ୍ନୋଲୋଜି ମଧ ବ୍ୟବହାର କରୁଛୁ ବୋଲି ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ଝୁଂଟିଆ କହିଛନ୍ତି ।

# ୨୦୨୬ ଜନଗଣନା ପରେ ସୀମା ନିର୍ଦ୍ଧାରଣରେ ମହିଳାଙ୍କ ପାଇଁ ସଂରକ୍ଷଣ ସୁନିଶ୍ଚିତ କରାଯିବ : ଅମିତ ଶାହ

ନୂଆଦିଲ୍ଲୀ : ଲୋକସଭାରେ ଚାଲିଛି ସ୍ୱତନ୍ତ୍ର ଜନଗଣନା । ମହିଳା ସଂରକ୍ଷଣ ବିଲ ଉପରେ ଆଲୋଚନା ମସୟରେ ଗୃହମନ୍ତ୍ରୀ ଅମିତ ଶାହ ଏକ ବଡ଼ ଘୋଷଣା କରିଛନ୍ତି । ଜାତିଗତ ଜନଗଣନାକୁ ନେଇ ବିରୋଧୀମାନେ ବାରମ୍ବାର ପ୍ରସଙ୍ଗ ଉଠାଉଥିବାବେଳେ ଜବାବ ରଖିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ । ଶାହ କହିଛନ୍ତି କି,ମୁଁ ଆପଣଙ୍କୁ କହିଦେଉଛି ଯେ ନାରୀ ଶକ୍ତି ବନ୍ଦନା ଆଇନରେ ଉଲ୍ଲେଖ ଅଛି ଯେ ୨୦୨୬ ଜନଗଣନା ପରେ ହେବାକୁ ଥିବା ସୀମା ନିର୍ଦ୍ଧାରଣରେ ମହିଳାଙ୍କ ପାଇଁ ସଂରକ୍ଷଣ ସୁନିଶ୍ଚିତ କରାଯିବ । ଏବେ ସେମାନେ ପଚାରୁଛନ୍ତି ଯେ ବିଲ୍ ଆଗତ କରିବା ସମୟରେ ଏହା କାହିଁକି ଉଲ୍ଲେଖ କରାଯାଇଥିଲା ତେଣୁ ମୁଁ ଆପଣଙ୍କୁ କହିବାକୁ ଚାହୁଁଛି ଯେ ଆମେ ଏହା କରିନଥିଲୁ । ୧୯୭୧ ମସିହାରେ, ଯେତେବେଳେ ଇନ୍ଦିରା ଗାନ୍ଧୀ କ୍ଷମତାରେ ଥିଲେ, ସେ ଏହାକୁ ଫ୍ରିଜ୍ କରିଥିଲେ । ସେମାନେ ଫ୍ରିଜ୍ ହୋଇଥିବା ଆସନ ସଂଖ୍ୟା ବୃଦ୍ଧି କରିଥିଲେ ।ସେତେବେଳେ ହିଁ ନାରୀ ଶକ୍ତି ବନ୍ଦନା ଆଇନ କାର୍ଯ୍ୟକାରୀ



ହୋଇପାରିବ, ସେଥିପାଇଁ ଆମେ ଏହାକୁ ଆଣିଥିଲୁ ।'ଅମିତ ଶାହ କହିଛନ୍ତି, '୧୯୭୨ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସରକାର ପ୍ରଥମେ ସୀମା ନିର୍ଦ୍ଧାରଣ ବିଲ୍ ଆଗତ କରିଥିଲେ, ଯାହା ଦ୍ୱାରା ଆସନ ସଂଖ୍ୟା ୫୨୫ ରୁ ୫୪୫ କୁ ବୃଦ୍ଧି କରାଯାଇଥିଲା । ଏହା ପରେ ଏହାକୁ ଫ୍ରିଜ୍ କରାଯାଇଥିଲା । ପରବର୍ତୀ ସମୟରେ, ୧୯୭୬ ମସିହାରେ, ଜରୁରୀକାଳୀନ ପରିସ୍ଥିତି ସମୟରେ, ୪୨ତମ ସଂଶୋଧନ କ୍ଷମତା ସଂଚୟ କରିବା ପାଇଁ ସୀମା ନିର୍ଦ୍ଧାରଣକୁ ବନ୍ଦ କରିଥିଲା ।''ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ସେ ସୀମା ନିର୍ଦ୍ଧାରଣ ବନ୍ଦ କରିବା ପାଇଁ ଏକ ଆଇନ ପ୍ରଣୟନ କରିଥିଲେ, କିନ୍ତୁ ଆଜି ସେମାନେ ଏତେ ଶକ୍ତିଶାଳୀ ଯେ ବିରୋଧୀ ଦଳରେ ବସି ସୀମା ନିର୍ଦ୍ଧାରଣ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି ।

# ବିଶ୍ୱ ହିମୋଫିଲିଆ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଲେ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ

ଭୁବନେଶ୍ୱର : ଆଜି ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲ ଏବଂ ପିଜିଆଇଏମଇଆର, ଭୁବନେଶ୍ୱର ପରିସରରେ ଥିବା ହିମୋଫିଲିଆ ଡେ-କେୟାର ସେଂଟରଠାରେ 'ବିଶ୍ୱ ହିମୋଫିଲିଆ ଦିବସ' ପାଳନ ହୋଇଛି । ଏହି ଅବସରରେ ରୋଗୀମାନଙ୍କ ପାଇଁ ଉନ୍ନତମାନର ଚିକିତ୍ସା ସୁବିଧା ଏବଂ ନୂତନ ଔଷଧର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର




ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଓଡିଶା ସରକାର ସବୁବେଳେ ହିମୋଫିଲିଆ ରୋଗୀମାନଙ୍କ ସହିତ ଦୃଢ଼ ଭାବେ ରହିଛି । ରାଜ୍ୟରେ ମୁକ୍ତ ଚିକିତ୍ସା ସୁବିଧା, ଫ୍ୟାକ୍ଟର ଉପଲବ୍ଧତା ଏବଂ ସଚେତନତା କାର୍ଯ୍ୟକ୍ରମକୁ ଆଗେଇ ନେଇଛୁ ବୋଲି ସେ କହିଛନ୍ତି । ପ୍ରତିବର୍ଷ ଏପ୍ରିଲ ୧୭ ତାରିଖରେ ପାଳିତ ହେଉଥିବା 'ବିଶ୍ୱ ହିମୋଫିଲିଆ ଦିବସ' ଅବସରରେ ରାଜ୍ୟରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି । ଚଳିତ ବର୍ଷର ଥିମ 'Diagnosis: First Step to Care' (ଡାଇଗ୍ନୋସିସ୍ : ଫାର୍ଷ୍ଟ ଷ୍ଟେପ୍ ଟୁ କେୟାର) ରଖାଯାଇଥିବା ବେଳେ, ହିମୋଫିଲିଆ ରୋଗୀଙ୍କ ପାଇଁ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ହିମୋଫିଲିଆ ହେଉଛି ଏକ ଦୁର୍ଲଭ ରୋଗ, ଯାହା ନା କେବଳ ରୋଗୀଙ୍କୁ ବରଂ ତାଙ୍କ ପରିବାରକୁ ମଧ ଗଭୀର ପ୍ରଭାବିତ କରୁଛି । ହିମୋଫିଲିଆ ହେଉଛି ଏକ ବଂଶାନୁକ୍ରମିକ ରୋଗ, ଯେଉଁଥିରେ ରକ୍ତ ସାଧାରଣ ଭାବେ ଜମାଟ ବାନ୍ଧେ ନାହିଁ । ଏହାର କାରଣ ହେଉଛି ରକ୍ତରେ ଥିବା କ୍ଲଟିଂ ଫ୍ୟାକ୍ଟର ର ଅଭାବ କିମ୍ବା ଅନୁପସ୍ଥିତି । ଏହି କାରଣରୁ ସାଧାରଣ ଆଘାତ ହେଲେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ରକ୍ତସ୍ରାବ ହୁଏ ଏବଂ କେବେ କେବେ ଶରୀରର ଭିତରେ ମଧ ରକ୍ତସ୍ରାବ ହୋଇପାରେ । ଆଗାମୀ ଦିନରେ ରାଜ୍ୟରେ Non-Factor Therapy ମଧ ଉପଲବ୍ଧ କରାଯିବ । ଏହା ଏକ ଅତ୍ୟାଧୁନିକ ପଦ୍ଧତି ଯାହା ଅଧିକ ପ୍ରଭାବଶାଳୀ ଏବଂ ଏହା ଦ୍ୱାରା ବାରମ୍ବାର ରକ୍ତସ୍ରାବ ହେବାର ଭୟ ରହିବ ନାହିଁ । ଫଳରେ ରୋଗୀମାନେ ଏକ ସୁସ୍ଥ ଓ ସ୍ୱାଭାବିକ ଜୀବନ ଅତିବାହିତ କରିପାରିବେ । ଏହି ଆଧୁନିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗୀମାନେ କମ ସଂଖ୍ୟକ ଇଞ୍ଜେକ୍ସନ୍ ନେବେ, ତାଙ୍କର ଜୀବନ ମାନ ଉନ୍ନତ ହେବ ଏବଂ ସେମାନେ ଅଧିକ ସ୍ୱାଧୀନ ଜୀବନ ବ୍ୟତୀତ କରିପାରିବେ ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କ୍ୟାପିଟାଲ ହସ୍ପିଟାଲ ଏବଂ ପିଜିଆଇଏମଇଆର ର ନିର୍ଦ୍ଦେଶକ, ବ୍ଲଡ ସେଫଟି ବିଭାଗର ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକ, କ୍ୟାପିଟାଲ ହସ୍ପିଟାଲର ଅଧୀକ୍ଷକ ଓ ଉପ-ଅଧୀକ୍ଷକ, ପିଜିଆଇଏମଇଆର ର ଅଧକ୍ଷ ଏବଂ ହେମୋଫିଲିଆ ସୋସାଇଟିର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଅସହ୍ୟ ଗରମ : ୪୦ ଡିଗ୍ରୀ ଉପରେ ୧୪ ସହର, ୧୧ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର: ତାତିରେ ଜଳୁଛି ସାରା ରାଜ୍ୟ । ବିଶେଷ କରି



ପଶ୍ଚିମ ଉପକୂଳରେ ଭୀଷଣ ଗୁଳୁଗୁଳି ହେଉଛି । ଆକାଶରୁ ନିଆଁ ବର୍ଷୁଛି । କଲବଲ ହେଉଛନ୍ତି ସାଧାରଣ ଲୋକେ । ପାରଦ ୪୩ ଡେଇଁ ୪୪ ଡିଗ୍ରୀ ମୁହାଁ ହେଲାଣି । ୪୦ ଡିଗ୍ରୀ ଉପରେ ୧୪ ସହର । ଆଜି ୧୧ ଜିଲ୍ଲାକୁ ଜାରି ହୋଇଛି ରେଡ୍ ୱାର୍ଣ୍ଣିଂ । ପଶ୍ଚିମ ଓଡ଼ିଶା ସହରଗୁଡ଼ିକର ତାପମାତ୍ରା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ୧୮ ତାରିଖ ସୁଦ୍ଧା ପହଂଚିବ ୪୫ ଡିଗ୍ରୀ ସେଲସିୟସ୍ ପହଂଚିବ । ମଝିରେ ମଝିରେ କାଳବୈଶାଖୀ ବର୍ଷା ହୋଇପାରେ । ମାତ୍ର ସୀମିତ ଅଂଚଳରେ ବା କାଁ ଭାଁ । ବଡ଼ ବର୍ଷା ସମ୍ଭାବନା ଏବେ କମ୍ । ଗୁରୁବାର ୪୩.୭ ଡିଗ୍ରୀରେ ପହଂଚିଥିଲା ତାପମାତ୍ରା । ଭବାନୀପାଟଣାରେ ୪୨.୫ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ବଲାଙ୍ଗୀର, ସମ୍ବଲପୁର ଓ ହୀରାକୁଦରେ ୪୨.୨ ରାଉରକେଲାରେ ୪୧.୬ ଏବଂ ମାଲକାନଗିରି ଓ ତାଳଚେରରେ ୪୦ ଡିଗ୍ରୀ ରହିଥିଲା । ଆଗାମୀ ଦୁଇ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଓ ପରବର୍ତୀ ତିନି ଦିନ ସ୍ଥିର ରହିବ । ଅନ୍ୟପଟେ ୧୮ ଓ ୧୯ରେ ପଶ୍ଚିମ ଓଡ଼ିଶାର କେତେକ ଅଂଚଳରେ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ୱାର୍ଣ୍ଣିଂ ଜାରି କରାଯାଇଛି । ୧୭ ତାରିଖ (ଶୁକ୍ରବାର) ଝାରସୁଗୁଡ଼ା ଓ ଟିଟିଲାଗଡ଼ରେ ପାରଦ ୪୪ ଡିଗ୍ରୀ ଛୁଇଁପାରେ । ଉପକୂଳ ଓଡ଼ିଶା ୩୭- ୩୮ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ କରିଛି । ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ଆଜି ମଧ ଉତର ଏବଂ ଉପକୂଳ ଓଡ଼ିଶାରେ କାଳବୈଶାଖୀ ବର୍ଷା ଆକଳନ କରାଯାଇଛି । ବର୍ଷା ଘଡ଼ଘଡ଼ି ଏବଂ ପବନ ପାଇଁ ଆଜି ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

# ପୂର୍ବତଟ ରେଳପଥର ରୂପାନ୍ତରମୂଳକ ବର୍ଷ : ସୁରକ୍ଷିତ ଟ୍ରାକ୍, ଦ୍ରୁତଗାମୀ ଟ୍ରେନ ଏବଂ ଯାତ୍ରୀ ସେବାରେ ନୂତନ ମାନଦଣ୍ଡ

ଭୁବନେଶ୍ୱର : ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଭିତିଭୂମି ବିକାଶ, ସୁରକ୍ଷା, ଗତି ବୃଦ୍ଧି ଏବଂ ଯାତ୍ରୀ ସୁବିଧା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ରେକର୍ଡ କରିଛି, ଯାହା ଏକ ସୁରକ୍ଷିତ, ଅଧିକ ଦକ୍ଷ ଏବଂ ଯାତ୍ରୀ କୈନ୍ଦ୍ରିକ ରେଳ ନେଟୱାର୍କ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି । ସମଗ୍ର ଜୋନରେ ଯାତ୍ରୀ ସୁବିଧାରେ ବ୍ୟାପକ ଉନ୍ନତି ହୋଇଛି । ୭୩ଟି ପ୍ଲାଟଫର୍ମରେ କଙ୍କ୍ରିଟ ପୃଷ୍ଠ ପ୍ରସ୍ଥାପିତ ହୋଇଥିବାବେଳେ ୬୯ଟି ଉଚ୍ଚସ୍ତରୀୟ ପ୍ଲାଟଫର୍ମ ନିର୍ମାଣ ହୋଇଛି, ଯାହା ଯାତ୍ରୀଙ୍କ ପାଇଁ ସୁରକ୍ଷିତ ଏବଂ ସହଜ ଚଢ଼ା ଉତରା ସୁବିଧା ଦେଇଛି । ୩୮ଟି ଷ୍ଟେସନରେ ଆଶ୍ରୟସ୍ଥଳୀ ସମ୍ପ୍ରସାରଣ କରାଯାଇଥିବାବେଳେ ୧,୦୭୩ରୁ ଅଧିକ ବେଂଚ ସ୍ଥାପନ କରାଯାଇଛି । ୨୦ଟି ନୂତନ ଫୁଟ୍ ଓଭର୍ ବ୍ରିଜ୍ ଗତିବିଧିକୁ ଉନ୍ନତ କରିଛି । ବହୁ ଷ୍ଟେସନରେ ସର୍କୁଲେଟିଂ ଏରିଆ



ଏବଂ ପ୍ରତୀକ୍ଷାଳୟ ଗୁଡିକର ଆଧୁନିକୀକରଣ କରାଯାଇଛି । ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୪ଟି ଷ୍ଟେସନର ପୁନର୍ବିକାଶ କରାଯାଇଛି, ଯାହା ସାମଗ୍ରିକ ଯାତ୍ରା ପରିବେଶକୁ ଉନ୍ନତ କରିଛି । ସମସ୍ତଙ୍କ ପାଇଁ ସୁବିଧା ନିଶ୍ଚିତ କରିବା ଦିଗରେ ୪୧ଟି ଷ୍ଟେସନକୁ ଦିବ୍ୟାଙ୍ଗ ସ୍ୱାବଲମ୍ବୀ କରାଯାଇଛି । ବିଭିନ୍ନ ଷ୍ଟେସନରେଦିବ୍ୟାଙ୍ଗ ଅନୁକୂଳ ର୍ୟାମ୍ପ, ସ୍ୱର୍ଣିତ ପଥ ଏବଂ ସୁଗମ ଶୌଚାଳୟ ଭଳି ସୁବିଧା ବ୍ୟବସ୍ଥା କରାଯାଇ, ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଯାତ୍ରାକୁ ଅଧିକ ସହଜ ଓ ସମ୍ମାନଜନକ କରାଯାଇଛି । ପରିଚାଳନା ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ସହ ଟ୍ରେନ ପରିଚାଳନାରେ ଲକ୍ଷଣୀୟ ସୁଧାର ହୋଇଛି । ଟ୍ରାକ ଅପଗ୍ରେଡେସନ ଦ୍ୱାରା ୨୩୬ କି.ମି. ରେଳପଥକୁ ୧୩୦ କି.ମି./ଘଂଟା ଓ ୨୬୬ କି.ମି.କୁ ୧୧୦ କି.ମି./ଘଂଟା ଗତି ପାଇଁ ଉନ୍ନତ କରାଯାଇଛି । ୯ଟି ଷ୍ଟେସନରେ ଲୁପ୍ ଲାଇନ ଗତି ବୃଦ୍ଧି କରାଯାଇଥିବାବେଳେ ୨୨ଟି ସ୍ଥାୟୀ ଗତି ପ୍ରତିବନ୍ଧକ ହଟାଯାଇଛି, ଯାହା ଟ୍ରେନ ଚଳାଚଳକୁ ଅଧିକ ସୁଚାରୁ କରିଛି । ସୁରକ୍ଷାକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି । ୨୮,୧୪୬ ଟ୍ରାକ୍ କିଲୋମିଟରରେ ଅଲ୍ଟ୍ରାସୋନିକ ଫଲଟ ଡିଟେକ୍ସନ ପରୀକ୍ଷା କରାଯାଇଛି । ୩୯୦ କି.ମି. ରେଲ, ୫୬୭ କି.ମି. ସ୍ଲିପର ଏବଂ ୫୪୪ କି.ମି. ଫାସନିଂ ପୁନର୍ନବୀକରଣ କରାଯାଇଛି । ୨୩୯ଟି ସେତୁର ମରାମତି/ପୁନର୍ନିର୍ମାଣ ସହ ୬୪ଟି ସେତୁ ଆପ୍ରୋଚ୍ ପ୍ରଣାଳୀକୁ ଶକ୍ତିଶାଳୀ କରାଯାଇଛି । କର୍ମଚାରୀ କଲ୍ୟାଣରେ ୧୦୩ଟି କ୍ୱାର୍ଟର ନିର୍ମାଣ ଏବଂ ୧,୩୫୪ କର୍ମଚାରୀଙ୍କ ପାଇଁ ପିରିଅଡିକାଲ ମେଡିକାଲ ପରୀକ୍ଷା କରାଯାଇଛି । ପରିବେଶ ସୁରକ୍ଷା ଦିଗରେ ୬୫ଟି ସ୍ଥାନରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯାଇଛି ।

# ବାଲେଶ୍ୱର ବାରବାଟୀର ସମାଜସେବୀ ଧର୍ମ ପରାୟଣ ଲକ୍ଷ୍ମଣ ବେହେରାଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ଜିଲ୍ଲାର ବାରବାଟି ର ଓଲନ୍ଦାଜ୍ ସାହିରେ ବୁଢ଼ା କାର୍ତ୍ତିକ ମଣ୍ଡପ ନିକଟରେ ବୟଜ୍ୟେଷ୍ଠ , ଧର୍ମ ପରାୟଣ , ସମାଜସେବୀ ଲକ୍ଷ୍ମଣ ବେହେରାଙ୍କ ଏକାଦଶାହ୍ ଶ୍ରଦ୍ଧାଞ୍ଜଳି ଜ୍ୟେଷ୍ଠ ପୁତ୍ର ପୂର୍ବତନ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଅନିରୁଦ୍ଧ ବେହେରା ଙ୍କ ନେତୃତ୍ୱରେ ୧୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମଣ ବେହେରାଙ୍କ ଆବିର୍ଭାବ ୨୦ ନଭେମ୍ବର ୧୯୨୯ ମସିହା ତିରୋଧାନ ଦିବସ ୬ ଏପ୍ରିଲ ୨୦୨୬ ମସିହା । ଏକାଦଶାହ ଶ୍ରଦ୍ଧାଞ୍ଜଳି ରେ ମଧ୍ୟମ ପୁତ୍ର ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ବେହେରା, କନିଷ୍ଠ ପୁତ୍ର ପୂର୍ବତନ ଇ.ଫ.ର କମାଣ୍ଡର ହରେକୃଷ୍ଣ ବେହେରା । ଝିଅ ଗୋଦାବରୀ ବେହେରା , ଗୌରୀ ବେହେରା , କାବେରୀ ବେହେରା ଓ ପରିବାର କୁଟୁମ୍ବର୍ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏହି ଏକାଦଶାହ ଦିବସରେ ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନି ର ସମ୍ପାଦକ ସୃଷ୍ଟିଧର ପରିଡ଼ା , ବରିଷ୍ଠ ସାମ୍ବାଦିକ , ଦିବଂଗତ କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ , ପ୍ରେସ ଇମ୍ପ୍ରେସ କ୍ଲବର ମିଡ଼ିଆ ସଭାପତି ଓ ଜନପ୍ରିୟ ଖବର କାଗଜ ର ସମ୍ପାଦକ ଉଜ୍ଜ୍ୱଳ ଚନ୍ଦ୍ର କର ସାମ୍ବାଦିକ ଦିବଂଗତ କମିଟିର ସମ୍ପାଦକ ଗଗନ ଚନ୍ଦ୍ର ସେଠୀ, ବାଲେଶ୍ୱର ଆଇନଜୀବୀ ସଙ୍ଘର ସଭାପତି ମନୋଜ କୁମାର ନାୟକ , ସାମ୍ବାଦିକ ଭଗବାନ ଚନ୍ଦ୍ର ଦାସ , ସମାଜ ସେବୀ ସରସ୍ୱତୀ ପଣ୍ଡା , ଯଶୋଦା ନନ୍ଦନ ଆଶ , ବିଳାସ ମିଶ୍ର , କାଉନସିଲର ମୀନା ମହାନ୍ତି , ସମାଜ ସେବୀ ସୁବୋଧ ମହାନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ପ୍ରଚାରକ ବିଷ୍ଣୁ ଭାଇ, ଯୋଗେନ୍ ଦା, ରମାକାନ୍ତ ଭାଇ, ସୁଦର୍ଶନ ଭାଇ, ରଘୁବୀର୍ ଭାଇ, କୁମାର ଭାଇ ଉପସ୍ଥିତ ରହି ଲକ୍ଷ୍ମଣ ବେହେରାଙ୍କ ଏକାଦଶାହରେ ପରିବାରବର୍ଗଙ୍କୁ ଆଶୀର୍ବାଦ କଲ୍ୟାଣ କରିଥିଲେ ଏବଂ କହିଥିଲେ ଲକ୍ଷ୍ମଣ ବେହେରା ଏପରି ବ୍ୟକ୍ତିତ୍ୱ ଥିଲେ ସମାଜସେବା ସହ ଲୋକଙ୍କ ସୁଖ ଦୁଃଖର ସାଥୀ ଥିଲେ । ୪ ଖଣ୍ଡ ଗାଁ (ବାରବାଟୀ, ଓଲନ୍ଦାଜ୍ ସାହି, ଡିନାମାରଡିଙ୍ଗ, ଦାମୋଦରପୁର) ର ମୁଖିଆ ଥିଲେ । ତେଣୁ ତାଙ୍କ ବିୟୋଗରେ ଆଜି ସମସ୍ତେ ମର୍ମାହତ । ତାଙ୍କ ଅମର ଆତ୍ମାର ସଦଗତି କାମନା କଲେ । ଏପରିକି ସଦର ବିଧାୟକ ମାନସ କୁମାର ଦତ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ବିଜେପି ତାଙ୍କୁ ଗୁରୁଦାୟିତ୍ୱ ଦେଇ ଥିବାରୁ ଏକାଦଶାହରେ ଯୋଗ ନଦେଇ ପାରୁଥିବା ହେତୁ ୯ମ ଦିନରେ ଲକ୍ଷ୍ମଣ ବେହେରାଙ୍କ ନିବାସରେ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ସେ ମଧ୍ୟ କହିଥିଲେ ଲକ୍ଷ୍ମଣ ବେହେରା ଏଭଳି ବ୍ୟକ୍ତିତ୍ୱ ଥିଲେ ତାହା କେହି ଭୁଲି ପାରିବେ ନାହିଁ । ବିଜେପିର ଯୁବନେତା ତଥା ସମାଜସେବୀ ଗୌରାଙ୍ଗ ଦାସ, ୨୪



ନଂ ୱାର୍ଡ ସଭାପତି ଅଶୋକ ଦାସ, ଜୟନ୍ତ ସେଠୀ, ମନୋରଞ୍ଜନ ନନ୍ଦୀ, ପବନ କମିଲା ଓ ବିଜେପିର କର୍ମୀମାନେ ଯୋଗ ଦେଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ଏହି ଏକାଦଶାହ ଶ୍ରଦ୍ଧାଞ୍ଜଳିରେ ବହୁ ବୁଦ୍ଧିଜୀବି, ଗୁଣି ଜ୍ଞାନୀ ଲୋକ, ସମସ୍ତ ଗ୍ରାମବାସୀ ଯୋଗଦେଇ ଲକ୍ଷ୍ମଣ ବେହେରାଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ ।

# ସଦର ବିଜେଡି ପକ୍ଷରୁ 'ପ୍ରବାଦ ପୁରୁଷ ଦିବସ' ପାଳିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ 'ପ୍ରବାଦ ପୁରୁଷ ଦିବସ' ପାଳିତ ହୋଇଯାଇଛି । ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ସକାଳୁ ସହରର ବାଲିଘାଟ ଠାରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବାରବାଟୀ ଛକରେ କାଉନସିଲର ମୀନା ମହାନ୍ତିଙ୍କ ଦ୍ୱାରା ଜଳଛତ୍ରକୁ ଅତିଥି ମାନେ ଉଦଘାଟନ କରିଥିଲେ ।ଏହା ପରେ ଫାଣ୍ଡିଛକ ଏବଂ ଡି ଆଇ ସି ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ଦେଶର ସ୍ୱାଧୀନତା ସଂଗ୍ରାମରେ ବିଜୁ ବାବୁ ଗ୍ରହଣ କରିଥିଲେ ବଳିଷ୍ଠ ଭୂମିକା । ଲୋକଙ୍କ ହାତରେ କ୍ଷମତା ପ୍ରଦାନ କରି ସେ ପଂଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ । ରାଜନୀତିରେ ମହିଳାଙ୍କ ପାଇଁ ସଂରକ୍ଷଣ, ଶିକ୍ଷାଠୁ



ଆରମ୍ଭ କରି ଓଡ଼ିଆ ସ୍ୱାଭିମାନ ରକ୍ଷାରେ ତାଙ୍କର ଅବଦାନ ଅତୁଳନୀୟ ।ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ବିଜୁ ଜନତା ଦଳ ଓଡ଼ିଶା ମାଟିର ସେବାରେ ସଦା ସମର୍ପିତ ରହିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ,ବିଜେଡି ନେତ୍ରୀ । ଡ଼ ଲେଖାଶ୍ରୀ ସାମନ୍ତସିଂହାର,ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗରିଶ ଚନ୍ଦ୍ର ଦାଶ,ବରିଷ୍ଠ ବିଜେଡି ନେତା ରଂଜନ ବାଗ,ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ,ଟାଉନ ବିଜେଡି ସଭାପତି ମନୋଜ ରାଉତ,ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା,ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ,ଜିଲ୍ଲା ପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ,କାଉନସିଲର ମୀତା ପଟ୍ଟନାୟକ,କବିତା ମୃମୁ,ସଂଧାରାଣୀ ଜେନା,ଶଶିରେଖା ମହାନ୍ତି,ସେକ ଆୟୁବ,କାର୍ତିକ ସାହୁ,ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର,ସାକିର ଖାନ,ରମେଶ ମାଝି,ସଞ୍ଜୟ ବେହେରା,ନଳିନୀକାନ୍ତ ଦାସ,ରିତିକ ଜୀ,ଦେବାଶିଷ ଦାଶ,ସେକ ଆଲାମ,ଉମାଶଙ୍କର ତିଆଡି,ଅତୁଲ ଶତପଥି,ସେକ ଅନସର,ସୁବୋଧ ମହାନ୍ତି,ଅଶୋକ ଦାସ,ବାଦଲ ଦତ,ସୁନିଆ ମୃମୁ,ରାଜଲକ୍ଷ୍ମୀ ଚଟ୍ଟାର୍ଜୀ,ଯୁବ ନେତା ଜିତ୍ ପ୍ରକାଶ ଦାଶ,ଛାତ୍ର ନେତା ବିଭୁଦତ ପରିଡା,ତପନ ଦାସ,ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱରରେ ଜନ୍ମନେଲା ଆଦିତ୍ୟ ବିର୍ଲା ଗ୍ରୁପର ନୂତନ ବ୍ୟବସାୟ ପ୍ରତିଷ୍ଠାନ 'ଇନ୍ଦ୍ରିୟା'

ବାଲେଶ୍ୱର(ନି.ପ୍ର.):ଇନ୍ଦ୍ରିୟା ଆଦିତ୍ୟ ବିର୍ଲା ଗ୍ରୁପର ଗହଣା ବ୍ରାଣ୍ଡ, ବାଲେଶ୍ୱରରେ ନୂତନ ଷ୍ଟୋର ଉଦ୍ଘାଟନ କରିଛି । ଏହା **Odisha** ରେ ବ୍ରାଣ୍ଡର ୫ମ ଷ୍ଟୋର ଭାବେ ଖୋଲାଯାଇଥିବା ସହ ରାଜ୍ୟରେ ଏହାର ପ୍ରସାରକୁ ଆହୁରି ମଜବୁତ କରିଛି ।ସହରର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଡଞ୍ଚ ଜଙ୍କ୍ସନ ରେ ଅବସ୍ଥିତ ଏହି ଷ୍ଟୋରଟି ଗ୍ରାହକଙ୍କ ପାଇଁ ଏକ ସୁବିଧାଜନକ ଓ ଆଧୁନିକ କ୍ରୟାନୁଭୂତି ଦେବାକୁ ଉଦ୍ଦିଷ୍ଟ । ଏଠାରେ ୩୨,୦୦୦ରୁ ଅଧିକ ଡିଜାଇନ୍ ?ର ଗହଣା ରହିଛି, ଯାହାରେ ବିବାହ, ପର୍ବପର୍ବାଣୀ, ଆଧୁନିକ ଓ ଦୈନିକ ପିନ୍ଧା ପାଇଁ ହାଲୁକା ଗହଣା ଅନ୍ତର୍ଭୁକ୍ତ ।ଷ୍ଟୋରରେ ବିଶେଷ **bridal loung**ର ଓ କାରିଗରୀ କକ୍ଷ (**kaarigari room**) ବ୍ୟବସ୍ଥା ରହିଛି, ଯାହା ଗ୍ରାହକଙ୍କୁ ଉନ୍ନତ ଅନୁଭୂତି ଦେବା ସହ ପାରମ୍ପରିକ କୌଶଳକୁ ମଧ୍ୟ ପ୍ରଦର୍ଶନ କରେ ।ଏହି ଅବସରରେ **CEO Sandeep Kohli** କହିଥିଲେ ଯେ, **Odisha** ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଭାବେ






ରହିଛି ଓ ବାଲେଶ୍ୱରରେ ବୃଦ୍ଧିଶୀଳ ଗ୍ରାହକ ଆକାଙ୍କ୍ଷା ଦୃଷ୍ଟିରେ ଏହି ଷ୍ଟୋର ଖୋଲାଯାଇଛି ।

ଓଭୟକ୍ସସଛବ ର ଏହି ପଦକ୍ଷେପ ପୂର୍ବ ଭାରତରେ ବ୍ରାଣ୍ଡର ପ୍ରଭାବ ବଢ଼ାଇବା ସହ ଉଦୟମାନ ସହରଗୁଡ଼ିକରେ ତାହାର ପହଂଚକୁ ଆହୁରି ବିସ୍ତାର କରିବ ବୋଲି ଆଶା କରାଯାଉଛି ।

ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟୀକା ସୁବାସିନୀ ଜେନା ବାଲେଶ୍ୱର ର ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ଓ ବାଲେଶ୍ୱର ର ଲକ୍ସବଭମଷସହ୍ବର ନେଇଥିବା ସୁମନ ସରିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ତରଫରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.)ସାରା ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଲିଥିବା ଉଚ୍ଛେଦ ବିରୋଧି ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସ ପ୍ରଶାସନର ଦମନ ଓ ଅନ୍ୟାୟ ଗିରଫ ଦାରି ବିରୁଦ୍ଧରେ ଂଚଏସ୍ ?ୟୁସିଆ(କମ୍ୟୁନିଷ୍ଟ), ସିପିଆଇ(ଏମଏଲ) ରେଡ଼ଷ୍ଟାର, ସିପିଆଇ(ଏମଏଲ) ଓ ସିପିଆଇ(ଏମଏଲ) ନିଉ ଡ଼େମୋକ୍ରାସି ପକ୍ଷରୁ ଆଜି ସାରା ରାଜ୍ୟରେ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି । ଏହି ଆହ୍ୱାନକୁ ସମର୍ଥନ ଜଣାଇ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ବାଲେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ତରଫରୁ ବାଲେଶ୍ୱର ଜିଲ୍ଲାପାଳମାନଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବଙ୍କ ନେତୃତ୍ୱରେ ମନୋଜ କୁମାର ପାତ୍ର, କୃଷ୍ଣ ପଟ୍ଟାୟତଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ । ସ୍ମାରକ ପାତ୍ର ରେ ଦର୍ଶାଯାଇଛି ଯେ ପୁଞ୍ଜିପତିମାନଙ୍କର ସ୍ୱାର୍ଥରେ ଗରିବ ଆଦିବାସୀମାନଙ୍କୁ ସେମାନଙ୍କର ଭିଟା ମାଟି ଓ ଚାଷ ଜମିରୁ ବଳ ପୂର୍ବକ ହଟାଇ, ଅନ୍ଧାର ରାତିରେ ଘରେ ପସି ଅନ୍ୟାୟ ଭାବେ ଗିରଫ କରି ଜେଲରେ ନିର୍ଯ୍ୟାତନା ଦେବା ଘଟଣାକୁ ତୀବ୍ର ସମାଲୋଚନା କରି ଦାବି କରାଯାଇଛି ଯେ ସରକାର ଅବିଳମ୍ବେ ଉଚ୍ଛେଦ ବନ୍ଦ କରିବା, ଗିରଫ କରିଥିବା ନିରୀହ ଜନଗଣଙ୍କୁ ବିନା ସର୍ତ୍ତରେ ମୁକ୍ତ କରିବା, ଜଙ୍ଗଲ ସୁରକ୍ଷା ଆଇନ ୨୦୨୬କୁ ବାତିଲ କରିବା, ପତିତ ଜମିରେ କାରଖାନା ପ୍ରତିଷ୍ଠା କରିବା, ପଂଚମ ଅନୁସୂଚି ଅଂଚଳରେ ସମସ୍ତ ପ୍ରକଳ୍ପ ବାତିଲ କରିବା ନିଜର ଜମି, ଜଙ୍ଗଲ ଓ ଜୀବିକାର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ସଂଘର୍ଷ କରୁଥିବା ଲୋକଙ୍କ ଉପରେ ରାଷ୍ଟ୍ରୀୟ ଦମନ ବନ୍ଦ କରିବା ଆଦି ଦାବୀ ଉପସ୍ଥାପନ କରିଥିଲେ । ସରକାର ଅବିଳମ୍ବେ ସମସ୍ୟାର ସମାଧାନ କରିବାକୁ ଆଗେଇ ନେଇ ଆସିଲେ ଆଗାମୀ ଦିନରେ ଶକ୍ତିଶାଳୀ ଗଣ ଆନ୍ଦୋଳନ ସଂଗଠିତ ହେବ ବୋଲି ଚେତାବନୀ ଦେଇଥିଲେ

# ବାଲେଶ୍ୱରରେ ରାମଚନ୍ଦ୍ର ପଣ୍ଡା ଏଜୁକେସନ ଟ୍ରଷ୍ଟ ଓ 'ନାଚ୍' ନୃତ୍ୟାନୁଷ୍ଠାନ ପକ୍ଷରୁ ଗଣିତ ବୃତି ପରୀକ୍ଷା ଓ ସାଂସ୍କୃତିକ ପ୍ରତିଯୋଗିତା

ବାଲେଶ୍ୱର, (ନି.ପ୍ର.): ରାମଚନ୍ଦ୍ର ପଣ୍ଡା ଏଜୁକେସନ ଫାଉଣ୍ଡେସନ ଟ୍ରଷ୍ଟ (ଜଟରରଞ୍ଜ), ବାଲେଶ୍ୱର ଓ ପ୍ରମୁଖ ନୃତ୍ୟ ପ୍ରତିଷ୍ଠାନ 'ନାଚ୍'ର ମିଳିତ ସହଭାଗିତାରେ ଗଣିତ ବୃତି ପରୀକ୍ଷା ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର ଉଦ୍ ?ଯାପନୀ ସଭା ନାଚ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କର ୧୧୨ତମ ଜନ୍ମଜୟନ୍ତୀ ମଧ୍ୟ ପାଳିତ ହୋଇଛି । ପର୍ଯ୍ୟାୟକ୍ରମେ ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ଶିକ୍ଷାର୍ଥୀମାନଙ୍କ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଭଜନ ଗାୟନ ଓ ଭଜନ ଆଧାରିତ ନୃତ୍ୟ ସହିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବିଭାଗରେ ପ୍ରଥମ ତିନିଜଣ ବିଜେତାଙ୍କୁ ଏହି ସଭାରେ ସମ୍ମାନିତ କରାଯାଇଥିଲା ।ପ୍ରଖ୍ୟାତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ ?ଘାଟନ କରିଥିଲେ । ଶ୍ରୀ ନାରାୟଣ ପଣ୍ଡା ଟ୍ରଷ୍ଟର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ସମାଜରେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ପ୍ରଚାର-ପ୍ରସାର ଉପରେ ଜୋର୍ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ରସାଳପୁର କଲେଜର ପୂର୍ବତନ ପ୍ରଧାନାଚାର୍ଯ୍ୟା ଶ୍ରୀମତୀ କବିତା ପଣ୍ଡା ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ଜୀବନ ଓ ଆଦର୍ଶକୁ ଉଜାଗର କରି କହିଥିଲେ ଯେ ସେ ଜଣେ ଆଦର୍ଶ ଶିକ୍ଷକ, ସଙ୍ଗୀତଜ୍ଞ ଓ ଅଭିନେତା ହେବା ସହିତ ସମାଜ ସୁଧାରକ ମଧ୍ୟ ଥିଲେ, ଯିଏ ନାରୀ ଶିକ୍ଷାର ପ୍ରସାର ଓ ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଅରୁଣାଂଶୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । 'ନାଚ୍' ଡାନ୍ସ ଇନ୍ ?ଷ୍ଟିଟ୍ୟୁଟ୍ ?ର ନିର୍ଦ୍ଦେଶିକା ଓ ନୃତ୍ୟଶିଳ୍ପୀ ଶ୍ରୀମତୀ ରୋନାଲିସା ପଣ୍ଡା ସୁଚାରୁରୂପେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନା କରିଥିଲେ । ଗଣିତ ବୃତି ପରୀକ୍ଷାରେ ସଫଳ ମେଧାବୀ ଶିକ୍ଷାର୍ଥୀମାନଙ୍କୁ ନଗଦ ପୁରସ୍କାର, ସନନ୍ଦପତ୍ର ଓ ମେମେଂଟୋ ଦିଆଯାଇଥିବା ବେଳେ ସାଂସ୍କୃତିକ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ସନନ୍ଦପତ୍ର ଓ ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।



# ଡ. ସନ୍ତୋଷ କୁମାର ରାଉତଙ୍କୁ ରେବତୀ ସମ୍ମାନ

ବାଲେଶ୍ୱର,(ନିପ୍ର)ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସନ୍ତୋଷ କୁମାର ରାଉତଙ୍କୁ ରେବତୀ ସମ୍ମାନ ପ୍ରଦାନ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ଏକ ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହରେ ଅଭୟା ଲେଖିକା ସାହିତ୍ୟ ସଙ୍ଗଠନର ବାର୍ଷିକ ପତ୍ରିକା 'ରେବତୀ' ଉନ୍ମୋଚନ ଓ ପୁସ୍ତକ ମେଳା ସ୍ଥାନୀୟ ଭଗେଶ୍ୱରପୁର ଶାରଳା ମନ୍ଦିରରେ ଅନୁଷ୍ଠିତ ହେଇଥିଲା । ଏହି ସମାରୋହରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ସହକାରୀ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ରାଉତଙ୍କୁ ଲେଖାଲେଖି କ୍ଷେତ୍ରରେ ଓଡ଼ିଆ ଭାଷା ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ,ଜିଲ୍ଲା ଛାତ୍ରୀ ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ଭାବେ ଉଲ୍ଲେଖନୀୟ କାର୍ଯ୍ୟ ଓ ତତଜନିତ ଗବେଷଣାତ୍ମକ କାର୍ଯ୍ୟରେ ପ୍ରଗତି ପାଇଁ ତାଙ୍କୁ ଚଳିତ ବର୍ଷ ୨୦୨୬ ପାଇଁ ରେବତୀ ସମ୍ମାନ ପ୍ରଦାନ କରାଯାଇଅଛି । ଏହି ସମ୍ମାନ ସଙ୍ଗଠନର ସଭାପତି ବାସନ୍ତୀ ଦାସ ତ୍ରୀପାଠୀ,କୃଷ୍ଣଚନ୍ଦ୍ର ମହାପାତ୍ର, ଶରତ କୁମାର ରାଉତ, ଅପର୍ତି ଚରଣ ସେଠି ଏବଂ ସଂଯୋଜିକା ସ୍ୱର୍ଣ୍ଣମୟୀ ଷଡଙ୍ଗୀଙ୍କ ଗରୀମାମୟ ଉପସ୍ଥିତିରେ ପ୍ରଦାନ



ଓ ସଂପାଦିକା ଶ୍ରୀମତୀ ଆରାଧନା ଦାସଙ୍କ ଦ୍ୱାରା ମୁଖ୍ୟ ଅତିଥି ଡକ୍ଟର ନିରଞ୍ଜନ ମେକାପ, ସମ୍ମାନୀତ ଅତିଥି ଭାବେ ଶ୍ରୀ ଶୁଭ୍ରାଂଶୁ କୁମାର ଦାସ,ସ୍ୱତନ୍ତ୍ର ଅତିଥି ଡକ୍ଟର ଦୀପକ କୁମାର ଓଝା,କବି ଶ୍ରୀ ସୁଶାନ୍ତ କୁମାର ଦାସ,ଆନନ୍ଦ ଚନ୍ଦ୍ର ମହାପାତ୍ର,ଚନ୍ଦ୍ରଶେଖର କରାଯାଇଅଛି । ସେଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦିନେଶ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ, ଡ. ରାଉତଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସାରସ୍ୱତ କୃତିର ପ୍ରଶଂସା କରିଥିଲେ ।

# ମୁଖ୍ୟମନ୍ତ୍ରୀ କପ୍ -୨୦୨୬ ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବାଲେଶ୍ୱର (ନି.ପ୍ର.) ଜିଲ୍ଲା ପ୍ରଶାସନ ,ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘ ର ମିଳିତ ସହୋଯାଗରେ ତା-୧୭.୦୪.୨୦୨୬ ରିଖ ରେ ପରମିଟ ପଡିଆ,ନୁଆ ଷ୍ଟାଡିୟମ ଠାରେ ମୁଖ୍ୟମନ୍ତ୍ରୀ କପ୍-୨.୦ ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥୀ ଭାବେ ଉପ ଜିଲ୍ଲାପାଳ ଶ୍ରୀ ସାଇ କ୍ରୀଷ୍ଣ ଜେନା ଯୋଗଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା କ୍ରୀଡା ଅଧୀକାରୀ ଶ୍ରୀ ପୁର୍ଣ୍ଣ ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଉଦ୍‌ଘାଟନୀ ସଭାରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘର ସହ ସାଧାରଣ ସମ୍ପାଦକ ଶ୍ରୀ ପଦ୍ମଲୋଚନ ଲେଙ୍କା,ଉପ ସଭାପତି ଜଗଦିଶ ଚନ୍ଦ୍ର ବେହେରା,ଅମର କୁମାର ମହାଁ , ଯୁଗ୍ମ ସମ୍ପାଦକ ଭଲିବଲ ଜନ୍ମଜୟ ଦେ ଙ୍କ ସମେତ ଅନେକ ସଭ୍ୟ , କର୍ମକର୍ତା ,ପୁର୍ବତନ କ୍ରୀଡାବିତ ଏବଂ ବହୁ ଦର୍ଶକ ଯୋଗଦେଇଥିଲେ । ଜିଲ୍ଲାରେ ଥିବା କ୍ରୀଡା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କ୍ରୀଡା ମହୋତ୍ସବର ଅୟୋଜନ କରାଯାଇଛି । ପ୍ରତିଯୋଗିତା ର ବାଳକ ବିଭାଗରେ ଇନ୍‌ଟ୍ରା ଗ୍ରୀନ ବିଜେତା ହୋଇଥିବା ବେଳେ ଇନ୍‌ଟ୍ରା ରେଡ ଉପ ବିଜେତା ହୋଇଥିଲେ । ଏହି ପ୍ରତିଯୋଗିତାରୁ ମୋନୋନିତ ହୋଇଥିବା ବାଳକ ଦଳ ରାଜ୍ୟ ସ୍ତରୀର କ୍ରୀଡାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ ।

# ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ଆସର ଓ ଓଡ଼ିଆ ନବବର୍ଷର ବନ୍ଧୁମିଳନ ପର୍ବ ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.): ଦୀର୍ଘ ପଚାଶ ବର୍ଷର ସମ୍ଭ୍ରାନ୍ତ ସାରସ୍ୱତ ଅନୁଷ୍ଠାନ 'ଚୌଦ୍ୱାର ସାହିତ୍ୟ ସଂସଦ' ପକ୍ଷରୁ ଏ ବର୍ଷ ବିଷୁବ ଆସର ଓ ଓଡିଆ ନବବର୍ଷର ବନ୍ଧୁମିଳନ ପର୍ବ ରାଧାମୋହନ ଛକ ସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ସାହିତ୍ୟ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଶିଷ୍ଟ ଗୀତିକବି ମନୋଜ ପଟ୍ଟନାୟକ, ବିଶିଷ୍ଟ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ, ଲବ୍ଧପ୍ରତିଷ୍ଠ ରମ୍ୟ-ବ୍ୟଙ୍ଗ ସ୍ରଷ୍ଟା ଓ ସ୍ତମ୍ଭକାର ରାଧାଶ୍ୟାମ ରାଉଳ ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । କବି ଅକ୍ଷୟ ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ଉମାକାନ୍ତ ପୂଜାରୀ, ଆଦିକନ୍ଦ ବିହାରୀ,ରଘୁନାଥ ସ୍ୱାଇଁ, ପାନନ ବେହେରା, ଶୁକ ଦେଈ, ଜ୍ୟୋତ୍ସ୍ନାରାଣୀ ପାଣି, ସୌମ୍ୟଜିତ୍ ପାଣି, ରେଣୁବାଳା ସ୍ୱାଇଁ, ଜ୍ୟୋତିଶଙ୍କର ମିଶ୍ର, ଅଜିତ୍ କୁମାର ଦାଶ, ନିରଞ୍ଜନ ବେହେରା, ବୀଣାପାଣି ଦାଶ, ସ୍ମୃତିଶ୍ରୀ ଜଗଦ୍ଦେବ, ନାରାୟଣ ଜେନା, ଅକ୍ଷୟ ଫଗୁଣ, ପ୍ରାଚୀ ସାହୁ ପ୍ରମୁଖଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ



କବିତା ଆବୃତି କରିଥିଲେ । ସଂସଦର ସମ୍ପାଦକ ବିଶିଷ୍ଟ ସ୍ତମ୍ଭକାର ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଗଠନ ସମ୍ପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ସହ ସମ୍ପାଦକ ଭାସ୍କର ପ୍ରସାଦ ମହାପାତ୍ର, ସଦସ୍ୟ ପବିତ୍ରମୋହନ ସାହୁ,ହେମନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶ୍ରମିକ ପରିବାର ଯୁବକ ସଂଘର ସଭାପତି କୈଳାସଚନ୍ଦ୍ର ସାହାଣୀ, ବଳରାମ କର, ଶରତ କୁମାର ଖୁଂଟିଆ, ମାନସ ରଞ୍ଜନ ସାମଲ, ଲକ୍ଷ୍ମୀଧର ଖୁଂଟିଆ, ନିକୁଞ୍ଜବିହାରୀ ପଣ୍ଡା, ଡ଼. ମମତା ସାହୁ, ବୈଷ୍ଣବଚରଣ ପ୍ରଧାନ, ବି.ଡି. ବର୍ଦ୍ଧନ, ନାରାୟଣ ସ୍ୱାଇଁ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ । ଶେଷରେ ଯୁଗ୍ମ ସମ୍ପାଦିକା ଆଇନଜ୍ଞୀ ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରସିଦ୍ଧ ଶ୍ରୀ ଶ୍ରୀ ନାରାୟଣୀ ମା'ଙ୍କ ଶୁଭ ଖୁଂଟି ମନ୍ଦିର ମଣ୍ଡପ ସ୍ଥାପନ

କନ୍ଧମାଳ(ନିପ୍ର): ପରମ୍ପରା ଅନୁଯାୟୀ ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ଶ୍ରୀଶ୍ରୀ ମା ନାରାୟଣୀ ଠାକୁରାଣୀଙ୍କ ୨୭ତମ ଯାତ୍ରାର ଶୁଭଖୁଂଟି ମାଙ୍କ ହାଟପଦା ସ୍ଥିତ ଅସ୍ଥାୟୀ ମଣ୍ଡପ ରେ ସ୍ଥାପନ କରାଯାଇ ଥିଲା । ଏଥି ନିମନ୍ତେ ପ୍ରଥମେ ଯାତ୍ରା ପଡିଆ କାର୍ଯ୍ୟାଳୟ ଠାରେ ଶୁଭ ଖୁଂଟି ବାନା ପୂଜାର୍ଚ୍ଚନା କରି ମହା ପଟୁଆର ରେ ବାଣ ଫୁଟାଇ ସ୍ଥାନୀୟ ପେଞ୍ଜି ସାହି ନିକଟସ୍ଥ ନବୀନ କଁହରଙ୍କ ବଗିଚାକୁ ଯାଇ ସେଠାରେ ଏକ ବାଉଁଶ ବୃକ୍ଷ ପୂଜାର୍ଚ୍ଚନା କରି ଛେଦନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସଭାପତି କାବୁଲା ସେନାପତିଙ୍କ ନେତୃତ୍ୱରେ ଯାତ୍ରା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ପୂଜକ ମାନଙ୍କ ଉପସ୍ଥିତିରେ ସମସ୍ତ ରୀତି ନୀତି ପୂଜା ପଦ୍ଧତି ପ୍ରକ୍ରିୟା ପରେ ବୃକ୍ଷ ଛେଦନ କରାଯାଇଥିଲା । ବୃକ୍ଷ ଛେଦନ କାର୍ଯ୍ୟରେ ଫୁଲବାଣୀ ବିଡ଼ିଓ ସୋମ୍ୟ ରଞ୍ଜନ ପାତ୍ର, ପରିଚାଳନା କମିଟି ଅଧକ୍ଷ ତଥା ଉପଜିଲ୍ଲାପାଳ ଭିକାରୀ ସାହୁ କର୍ତ୍ତା ଭାବେ ବସିଥିଲେ ଯାତ୍ରା ମୁଖ୍ୟ ପୂଜକ ସଞ୍ଜୟ ଦାଶ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ । ବୃକ୍ଷ ଛେଦନ ପରେ ଉକ୍ତ ଶୁଭଖୁଂଟିକୁ ପୁଣି ମହାପଟୁଆରରେ ବଜାର ମୁଖ୍ୟ ରାସ୍ତା, ଦେଇ ମାଦିକୁନ୍ଦା ଛକ, ନାରାୟଣୀ ମନ୍ଦିରକୁ ଯାଇଥିଲେ । ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲ୍ଲାପାଳ ବେଦ ଭୂଷଣ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ, ପିଏ ଆଇଟି ଡିଏ ଗଦାଧର ପାତ୍ର, ଓକିଲ ସଙ୍ଘ ସଭାପତି ଭଗବାନ ମହାନ୍ତି, ବିଡ଼ିଓ ସୌମ୍ୟ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ନାରାୟଣୀ ମାଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ମନ୍ଦିରରୁ ମାଙ୍କ ଆଜ୍ଞାମାଳ ଅଣାଯାଇଥିଲା । ସେଠାରୁ ରାମ ମନ୍ଦିର ନିକଟସ୍ଥ ଯାତ୍ରା ପଡ଼ିଆ ଠାରେ ହୋମ ଯଜ୍ଞ କରି ସ୍ଥାପନ କରାଯାଇଥିଲା । ସେଠାରେ ଉପଜିଲ୍ଲାପାଳ କର୍ତ୍ତା ଭାବେ ବାସୀ ଶୁଭ ଖୁଂଟି ସ୍ଥାପନା ପୂଜା କାର୍ଯ୍ୟ ଯାତ୍ରା ପରିଚାଳନା କମିଟିର ସଭାପତି ଶ୍ରୀ ସେନାପତି ଉପସ୍ଥିତି ରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ସଞ୍ଜିତ ପାତ୍ର, ସହରାଂଚଳ ଉନ୍ନୟନ ଅଧିକାରୀ ପ୍ରବୀଣ ବାଣୁଆ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଯାତ୍ରା ପରିଚାଳନା ର କୋର କମିଟି ସଦସ୍ୟ ଓ ଶୁଭ୍ରଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଶୁଭ ଖୁଂଟି ଆଗମନ ବେଳେ ବାଦ୍ୟ, ନୃତ୍ୟ ବାଣ ଫୁଟାଇ ଯାତ୍ରା ପଡିଆକୁ ଅଣା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବଣିକ ସଙ୍ଘ ସଭାପତି ଅଶୋକ ପଟ୍ଟନାୟକ, ଉପଦେଷ୍ଟା ଲମ୍ବୋଦର କହଁର, ଫୁଲବାଣୀ ପୌରାଧକ୍ଷା ପାୟଲ ବେହେରା, ଉପ ସଭାପତି ସୁଜିତ କୁମାର ବେହେରା, ସହ ସମ୍ପାଦକ ଅଜିତ ମହାରଣା, ଶିବ ପଣ୍ଡା, ଜୟସେନ ପରିଡା, ବୀଣାପାଣି ପ୍ରଧାନ, ସୁମନ ପଟ୍ଟନାୟକ, ଅର୍ଥ ସମ୍ପାଦକ କମଳ ବେହେରା, କୋଷାଧକ୍ଷ ଅଶୋକ ମେକପ, ସାଂସ୍କୃତିକ ସମ୍ପାଦକ ଅଶୋକ ମହାନ୍ତି, ପ୍ରମୁଖଙ୍କ ସମେତ ପରିଚାଳନା କମିଟି କାର୍ଯ୍ୟକାରୀ ସଦସ୍ୟ ଓ ପାଂଚ ସହ ରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## କଟୁରୀରେ ହାଣି ଲୁଟି ନେଲେ ୫ ଲକ୍ଷ

ସୋର(ନିପ୍ର): ଅନନ୍ତପୁର ଥାନା ଅନ୍ତର୍ଗତ ବାରିକପୁର ଛକରେ ମାନସ କୁମାର ମିଶ୍ର ରାଣୀତାଲ ମାର୍କୋଣା ଏବଂ ସୋରରୁ ରେଲୱେ ଟିକେଟ ପଇସା କଲେକ୍ସନ କରି ବାଲେଶ୍ୱରକୁ ଫେରୁଥିବା ବେଳେ ବାଟରେ ଦୁଇଟି ମଟର ସାଇକେଲରେ ପାଂଚ ଯୁବକ ବାରିକପୁର ଛକ ନିକଟରେ ଗାଡିକୁ ଅଟକାଇ ତେଲେଙ୍ଗା କଟୁରୀରେ ଗାଡିର ଟାଙ୍କି କୁ ହାଣି ପରେ ହାତକୁ ହାଣି ପାଂଚ ଲକ୍ଷ ଲୁଟି ନେଇ ମଟର ସାଇକେଲରେ ସୋର ଆଡକୁ ଦ୍ରୁତଗତିରେ ପଳାଇଯାଇଥିଲେ. ଫଳରେ ଶ୍ରୀ ମିଶ୍ର ୧୧୨କୁ କଲ କରି ଜଣାଇଥିଲେ ମଧ ୧୧୨ ଦୁଇ ଘଂଟା ବିଳମ୍ବରେ ପହଂଚଥିଲେ ଏବଂ ଏହା ସୋର ଥାନାରେ ଯାଉନି ଅନନ୍ତପୁର ଥାନା ଅଂଚଳରେ ଯାଉଛି ବୋଲି କହି ପଳାଯାଇଥିଲେ । ଅନନ୍ତପୁର ପୋଲିସ ଘଟଣା ସ୍ଥଳରେ ପହଂଚି ଶ୍ରୀ ମିଶ୍ର ଙ୍କୁ ଉଦ୍ଧାର କରିଥିଲେ ଶ୍ରୀ ମିଶ୍ର ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହୋଇ ଅନନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅନନ୍ତପୁର ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଜାରି ରଖିଛି ।

# 'ନାରୀଶକ୍ତି ବନ୍ଦନ' ପଦଯାତ୍ରା




ଜଗତସିଂହପୁର(ନିପ୍ର): ଭାଗିଦାରୀ ନୁହେଁ, ପ୍ରତିନିଧିତ୍ୱ ଦରକାର । ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩ ଦ୍ୱାରା ସଂସଦ ଏବଂ ବିଧାନସଭାରେ ମହିଳାଙ୍କୁ ୩୩% ସଂରକ୍ଷଣର ଅଧିକାର ମିଳିବାକୁ ଯାଉଛି । ଏହା ଭରତୀୟ ସଂସଦ ର ଏକ ଐତିହାସିକ ଅଧ୍ୟାୟ ଯାହା ୧୯ ସେପ୍ଟେମ୍ବର ୨୦୨୩ ସ୍ୱତନ୍ତ୍ର ଅଧିବେଶନ ରେ ଆଗତ ହୋଇ ପରେ ରାଷ୍ଟ୍ରପତି ଙ୍କ ସ୍ୱୀକୃତି ଲାଭ କରିଥିଲା । ଏହି ଅଧିନିୟମ କୁ ସମର୍ଥନ ଜଣାଇବା ପାଇଁ ମହିଳାଙ୍କ ସଶକ୍ତିକରଣ ଓ ସମ୍ମାନର ଅନନ୍ୟ ଉତ୍ସବ ଭାବେ ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ଏକ ବିଶାଳ 'ନାରୀଶକ୍ତି ବନ୍ଦନ' ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏକ ବିଶାଳ ଜନଜାଗରଣ ଅଭିଯାନ ମହିଳା ସଶକ୍ତିକରଣକୁ ନେଇ "ନାରୀ ଶକ୍ତି ବନ୍ଦନ ପଦଯାତ୍ରା" ଆଜି ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟରେ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀରୁ ଆରମ୍ଭ ହୋଇ କଲେକ୍ଟରେଟ୍ ଗ୍ରାଉଣ୍ଡ ପର୍ଯ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ପଦଯାତ୍ରା ରେ ପ୍ରାୟ ୨୦୦୦ରୁ ଅଧିକ ମହିଳା ସଦସ୍ୟ, ଜିଲ୍ଲା ସ୍ତରୀୟ ଫେଡେରେସନ୍ ପ୍ରତିନିଧିମାନେ, କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଓ ଆଙ୍ଗନବାଡ଼ି କର୍ମୀମାନଙ୍କର ଉତ୍ସାହଭରା ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଏହି ବିଶାଳ ସଂଖ୍ୟାର ଉପସ୍ଥିତି ମହିଳାଙ୍କ ଅଧିକାର ଓ ସଶକ୍ତିକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲା । ଏହି ପଦଯାତ୍ରା ଆୟୋଜିତ ଅଭିଭାଷଣ କାର୍ଯ୍ୟକ୍ରମ ସହ ଶେଷ ହୋଇଥିଲା । ଏହି ରାଲି ଲିଙ୍ଗ ସମାନତା, ମହିଳାଙ୍କ ଅଧିକାର ଓ ସମାଜର ସମସ୍ତ ସ୍ତରରେ ମହିଳା ସଶକ୍ତିକରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ରୂପେ କାର୍ଯ୍ୟ କରିଥିଲା ।

# ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜବାବୁଙ୍କ ୨୯ତମ ଶ୍ରଦ୍ଧାଞ୍ଜଳି ସଭା




ଧାମନଗର(ନିପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର ଅପରାହ୍ନରେ ଧାମନଗର ବିଜୁ ଜନତା ଦଳ ପକ୍ଷରୁ ଧୁଷୁରୀ ପୂଜ୍ୟ ପୂଜା ଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅତିଥି ମାନେ ଯୋଗଦେଇ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଧାମନଗର ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ 'ବିଜୁ ବାବୁଙ୍କ ଦେଶପ୍ରେମ ଏବଂ ଓଡ଼ିଶା ବିକାଶରେ ଅବଦାନ' ଆଲୋଚନା ଚକ୍ରରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଡ଼ ବ୍ୟୋମକେଶ ରାୟ, ଧାମନଗର ନିର୍ବାଚନ ମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧକ୍ଷ ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନଏସି ଅଧକ୍ଷା ନିବେଦିତା ଜେନା, ପୂର୍ବତନ ସଭାପତି ଉମେଶ ମହାନ୍ତି, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଧୁଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ ଏବଂ ବହୁ ଲୋକପ୍ରତିନିଧିଙ୍କ ସମେତ ଦଳର ବରିଷ୍ଠ ନେତୃବୃନ୍ଦ ତଥା ଶତାଧିକ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ମା ଧୁଷୁରା ଶୁଣି ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ଧୁଷୁରୀ ବଜାର ପରିକ୍ରମା କରି ସଭାସ୍ଥଳରେ ପହଂଚିଥିଲା । ପୂର୍ବାହ୍ନରେ ଧୁଷୁରୀ ବଜାରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଗାନ୍ଧିଘାଟ ଠାରେ ତିଳତର୍ପଣ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

## ବ୍ୟବସାୟୀ ବିୟୋଗରେ ଗଣ୍ଡିବେଡ ବଜାର ବନ୍ଦ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ବଜାରର ଟେଲର ଶରତ ଚନ୍ଦ୍ର ମହାନ୍ତିଙ୍କର କର୍କଟ ରୋଗରେ ପିଡିତ ହେବା ପରେ ବିଶାଖାପାଟଣାରେ ଚିକିତ୍ସିତ ହୋଇ ନିକଟରେ ଘରକୁ ଫେରିବା ପରେ ୭ତାରିଖ ଦିନ ଆଖି ବୁଜିଛନ୍ତି । ଏହି ପରିପ୍ରେକ୍ଷୀରେ ଗଣ୍ଡିବେଡ ବ୍ୟବସାୟୀ ସଂଘ ତରଫରୁ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଦିନ ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି ।


### ଦିଲ୍ଲୀ ବିଶ୍ୱବିଦ୍ୟାଳୟ

**ବିଜ୍ଞାପନ ସଂଖ୍ୟା. ଆର ଏଣ୍ଡ ପି /୩୧୭/୨୦୨୬ ତାରିଖ: ୧୭.୦୩.୨୦୨୬**

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉଭିଦ ବିଜ୍ଞାନ, ବାଣିଜ୍ୟ, କମ୍ପ୍ୟୁଟର ବିଜ୍ଞାନ, ଅର୍ଥନୀତି, ଇଂରାଜୀ ଏବଂ ମନସ୍ତତ୍ୱ ବିଭାଗରେ ସପ୍ତମ କେନ୍ଦ୍ରୀୟ ବେତନ କମିଶନ ପେ ମାଟ୍ରିକ୍ସର ଏକାଡେମିକ୍ ପେ ସ୍ତର-୧୩ଇ ରେ ସହଯୋଗୀ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମରେ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଉଛି । ଆବେଦନ ଗ୍ରହଣର ଶେଷ ତାରିଖ ଏମ୍ପ୍ଲୟମେଂଟ ନ୍ୟୁଜରେ ବିଜ୍ଞାପନ ପ୍ରକାଶନ ତାରିଖରୁ ଦୁଇ ସପ୍ତାହ । ଅଧିକ ବିବରଣୀ ପାଇଁ, ଦୟାକରି ବିଶ୍ୱବିଦ୍ୟାଳୟ ୱେବସାଇଟ୍ **www.du.ac.in** ପରିଦର୍ଶନ କରନ୍ତୁ ଏବଂ 'Work with DU' ଶୀର୍ଷକ ଅନ୍ତର୍ଗତ 'Jobs and Opportunities' ରେ କ୍ଲିକ୍ କରନ୍ତୁ ।
ଯେକୌଣସି ପରିଶିଷ୍ଟ/ଶୁଦ୍ଧିପତ୍ର କେବଳ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ପୋଷ୍ଟ କରାଯିବ ।

cbc 21231/12/0004/2627 ସ୍ୱା/-
ଅଧ୍ୟକ୍ଷ


# ଡ଼କ୍ଟର ଆମ୍ବେଦକରଙ୍କର ଜନ୍ମ ଜୟନ୍ତୀ ପାଳିତ

ଉଦଳା(ନିପ୍ର): କଂଗ୍ରେସ, ପି.ସି.ସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଓ ୧୪.୪.୨୬ରିଖ ଦିନ ମୟୁରଭଞ୍ଜ ଜିଲ୍ଲା ଉଦଳା ରେ ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ ଙ୍କ ଆହ୍ୱାନ କ୍ରମେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟା ଅର୍ପଣ କରିବା ସାଙ୍ଗେ ସାଙ୍ଗେ ଭାରତ ରତ୍ନ ଆମ୍ବେଦଙ୍କ ଙ୍କର ସ୍ମୃତି ଚରଣ କରିଥିଲେ । ଜିଲ୍ଲା ଉପ ସଭାପତି ନାରାୟଣ ପଟ୍ଟନାୟକ ସମ୍ବେଡ ଙ୍କର ନିଷ୍ଠା ଓ ତ୍ୟାଗ ଦେଶ ଗଠନ ରେ କିପରି ମୁଖ୍ୟ ଭୂମିକା ଗ୍ରହଣ କରିଛି ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଜେପି ସରକାର ସମୟରେ ସମ୍ବିଧାନ କିପରି ଅସୁରକ୍ଷିତ ତାହା ବ୍ୟାଖ୍ୟା କରିଥିଲେ । ଅନ୍ୟମାନଙ୍କ ମଧ ରେ ପୂର୍ବତନ ବିଧାୟକ ପ୍ରାର୍ଥ ତଥା ଆଦିବାସୀ କଂଗ୍ରେସ ର ରାଜ୍ୟ ସମ୍ପାଦକ ଦୁଖୀ ଶ୍ୟାମ ମୁର୍ମୁ, ପଣ୍ଡିତ ଚକ୍ରଧର ଦଳେଇ, ବୀଣାକାର ସାହୁ, ଶରତ ଚନ୍ଦ୍ର ମାର୍ଣ୍ଡି, ବିନୋଦ ଘୋଡେଇ, ଜିଲ୍ଲା ସାଧାରଣ ସମ୍ପାଦକ ନଳିନି ପଟ୍ଟନାୟକ ବାବା ସାହେବ ଙ୍କର ସ୍ମୃତି ଆଚରଣ କରିଥିଲେ । ପୂର୍ବତନ ଟାଉନ ସଭାପତି ସଂଜୀବ କୁମାର ମହାନ୍ତି, ନବ ନିଯୁକ୍ତ ଟାଉନ ସଭାପତି ମୌକ୍ଷ ନାରାୟଣ ଦାସ ବ୍ଲକ ସଭାପତି ସେକ କଲମୁଦ୍ଦିନ ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ବର୍ଷାଳିଆ, ପ୍ରଲ୍ଲାଦ ବେହେରା, ତାପସ ନାୟକ, କିସାନ କଂଗ୍ରେସ ର ପ୍ରତିନିଧି ଗଣ ଓ ଅନ୍ୟ ମାନେ ଉପସ୍ଥିସ ରହି ଜନ୍ମ ଜୟନ୍ତୀ ଉତ୍ସବକୁ, ସମ୍ବିଧାନ ପ୍ରଣେତା ଡ଼କ୍ଟର ଆମ୍ବେଦଙ୍କର (ଆମର ରହେ) ଇତ୍ୟାଦି ସ୍ଲୋଗାନ ଦେଇଥିଲେ ।

# ବିଭିନ୍ନ ସ୍ଥାନରେ ଜଳଛତ୍ର ଆରମ୍ଭ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଲାଗି ରହିଥିବା ବେଳେ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଅଛି । ଗ୍ରୀଷ୍ମ ଲହରୀ କାରଣ ରୁ ପାରଦ ତାପମାତ୍ରା ବୃଦ୍ଧି ହେଉଅଛି । ଜିଲ୍ଲାର ବିଭିନ୍ନ ସ୍ଥାନ ରେ ଆଜି ତାପମାତ୍ରା ୪୨/୪୩ ଡିଗ୍ରୀ ଥିବା ରେକର୍ଡ କରାଯାଇଛି । ଗ୍ରୀଷ୍ମ ଲହରୀ କୁ ଦୃଷ୍ଟି କୁ ଦୃଷ୍ଟି ରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳ ଛତ୍ର, ବ୍ୟବସ୍ଥା କରାଇଥିବା ବେଳେ ଜନସାଧାରଣ ପାନୀୟ ଜଳ ଗ୍ରହଣ କରି ଗ୍ରୀଷ୍ମ ପ୍ରଭାବରୁ ଆସ୍ୱସ୍ଥ ହେଉଛନ୍ତି । ଜିଲ୍ଲାପାଳ ମଧୁସୂଦନ ଦାସ ମଧ ଗ୍ରୀଷ୍ମ ପ୍ରବାହ ରୁ ନିଜକୁ ସୁରକ୍ଷିତ ରଖିବା ସହ ଅତ୍ୟାବଶ୍ୟକ କାର୍ଯ୍ୟରେ ଘରୁ ବାହାରି ଶୀଘ୍ର କାର୍ଯ୍ୟ ସମାପ୍ତ କରି ପ୍ରତ୍ୟାବର୍ତ୍ତନ କରିବାକୁ ଆହ୍ୱାନ କରିଛନ୍ତି । ସେହିପରି ପ୍ରଚୁର ପାଣି ପିଇବା ସହ ମୁଣ୍ଡରେ ଛତା ଚଷମା ଏବଂ କାନା ନେଇ କାର୍ଯ୍ୟ ସା ଘରକୁ ପ୍ରତ୍ୟାବର୍ତ୍ତନ ପାଇଁ ଆହ୍ୱାନ କରିଛନ୍ତି । ବଜାର ରେ ଥଣ୍ଡା ମୃଦୁ ପାନୀୟ ଜଳ ର ଚାହିଦା ବୃଦ୍ଧି ହୋଇଅଛି । ଜନସାଧାରଣ ଏହି ଗ୍ରୀଷ୍ମ ଦାଉରୁ ରକ୍ଷା ପାଇ ଥଣ୍ଡା ପନୀୟ ଏବଂ ଥଣ୍ଡା ଆଇସ୍କ୍ରିମ୍ ଖାଦ୍ୟ ର ବିକ୍ରି ବୃଦ୍ଧି ପାଉଛି ।


## NOTICE (FOR MINOR)

By virtue of an affidavit sworn before Executive Magistrate, Balasore, dated 07.04.2026, I, Shambhu Nath Malik, At.- Badadeulabad, P.O.- Sahada, P.S.- Chandipur, Dist.-Balasore-756002 declare that I have changed the name of my son from Shri Sai Suvam Malik(old name) to Samarth Kumar Malik(new name). Henceforth, he/she shall be known as Samarth Kumar malik(new name) for all purposes.

**Sd/-**
**Shambhu Nath Malik**

## NOTICE

By virtue of an affidavit sworn before Executive Magistrate Balasore, dated 17.04.2026 I, Khagan Sing, Address At.-Baraghai, Po-Chhanpur, Ps-Industrial Area, Dist.-Balasore, Odisha-756056 declare that I have changed the name of my son's from Kantimaya Sing to Krantimaya Sing. Henceforth, he shall be known as Krantimaya Sing for all purposes.

**Sd/-**
**Khagan Sing**

**No. 13001/216/2627**

## OFFICE OF THE BALASORE MUNICIPALITY, BALASORE

**No. 2192 /** **Date: 15.04.2026 /**

### E-procurement Notice

**BID Identification No. BM_01_2026_27**

Bid Documents consisting of work, Estimated Cost. Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. Website i.e. **https:/tendersodisha.gov.in/nicgep/app**

1. Name of the Work : Civil works as mentioned in DTCN
2. No. of works : 02 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 17-04-2026 to 27-04-2026
6. Last date and time for receipt : 27-04-2026 up to 5.00 pm
7. Bids received online shall be opened on : 28-04-2026 from 11.00 am onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e.
**https:/tendersodisha.gov.in/nicgep/app**

**Sd/-**
**Executive Officer**
**Balasore Municipality**

**OIPR. 13001/13154/1/26-27/0001**

### ଦିଲ୍ଲୀ ବିଶ୍ୱବିଦ୍ୟାଳୟ

**ବିଜ୍ଞାପନ ସଂଖ୍ୟା. ଆର ଏଣ୍ଡ ପି /୩୧୮/୨୦୨୬ ତାରିଖ: ୧୭.୦୩.୨୦୨୬**

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉଭିଦ ବିଜ୍ଞାନ, ବାଣିଜ୍ୟ, ଅର୍ଥନୀତି, ଇଂରାଜୀ ଏବଂ ମନସ୍ତତ୍ୱ ବିଭାଗରେ ସପ୍ତମ କେନ୍ଦ୍ରୀୟ ବେତନ କମିଶନ ପେ ମାଟ୍ରିକ୍ସର ଏକାଡେମିକ୍ ପେ ସ୍ତର-୧୪ ରେ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମରେ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଉଛି । ଆବେଦନ ଗ୍ରହଣର ଶେଷ ତାରିଖ ଏମ୍ପ୍ଲୟମେଂଟ ନ୍ୟୁଜରେ ବିଜ୍ଞାପନ ପ୍ରକାଶନ ତାରିଖରୁ ଦୁଇ ସପ୍ତାହ । ଅଧିକ ବିବରଣୀ ପାଇଁ, ଦୟାକରି ବିଶ୍ୱବିଦ୍ୟାଳୟ ୱେବସାଇଟ୍ **www.du.ac.in** ପରିଦର୍ଶନ କରନ୍ତୁ ଏବଂ **'Work with DU'** ଶୀର୍ଷକ ଅନ୍ତର୍ଗତ 'Jobs and Opportunities' ରେ କ୍ଲିକ୍ କରନ୍ତୁ ।
ଯେକୌଣସି ପରିଶିଷ୍ଟ/ଶୁଦ୍ଧିପତ୍ର କେବଳ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ପୋଷ୍ଟ କରାଯିବ ।

cbc 21231/12/0006/2627 ସ୍ୱା/-
ଅଧ୍ୟକ୍ଷ

### ଦିଲ୍ଲୀ ବିଶ୍ୱବିଦ୍ୟାଳୟ

**ବିଜ୍ଞାପନ ସଂଖ୍ୟା. ଆର ଏଣ୍ଡ ପି /୩୨୦/୨୦୨୬ ତାରିଖ: ୧୭.୦୩.୨୦୨୬**

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଫ୍ୟାକଲ୍ଟିର କମ୍ପ୍ୟୁଟର ଇଞ୍ଜିନିୟରିଂ, ବୈଦ୍ୟୁତିକ ଇଞ୍ଜିନିୟରିଂ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗରେ ସପ୍ତମ କେନ୍ଦ୍ରୀୟ ବେତନ କମିଶନ ପେ ମାଟ୍ରିକ୍ସ ଅନୁଯାୟୀ ଆସୋସିଏଟ୍ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମରେ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଉଛି । ଆବେଦନ ଗ୍ରହଣର ଶେଷ ତାରିଖ ଏମ୍ପ୍ଲୟମେଂଟ ନ୍ୟୁଜରେ ବିଜ୍ଞାପନ ପ୍ରକାଶନ ତାରିଖରୁ ଦୁଇ ସପ୍ତାହ । ଅଧିକ ବିବରଣୀ ପାଇଁ, ଦୟାକରି ବିଶ୍ୱବିଦ୍ୟାଳୟ ୱେବସାଇଟ୍ www.du.ac.in ପରିଦର୍ଶନ କରନ୍ତୁ ଏବଂ 'Work with DU' ଶୀର୍ଷକ ଅନ୍ତର୍ଗତ 'Jobs and Opportunities'ରେ କ୍ଲିକ୍ କରନ୍ତୁ ।
**ଯେକୌଣସି ପରିଶିଷ୍ଟ/ଶୁଦ୍ଧିପତ୍ର କେବଳ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ପୋଷ୍ଟ କରାଯିବ ।**

cbc 21231/12/0010/2627 ସ୍ୱା/-
ଅଧ୍ୟକ୍ଷ





କ୍ରୋଧ ଯେତେବେଳେ ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ଘର ଛାଡ଼ି ପଳାଏ ।

# ଆଜିକାଲି



ଚେତସା ସର୍ବକର୍ମାଣି, ମୟି ସନ୍ନ୍ୟସ୍ୟ ମତ୍ପରଃ।
ବୁଦ୍ଧିଯୋଗମୁପାଶ୍ରିତ୍ୟ, ମଚି□ଃ ସତତଂ ଭବ ।
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ମୁଁ ପରମ ପୁରୁଷ, ଏହି କଥା ମନେ କରି ତୋର ସମସ୍ତ କର୍ମ ମୋତେ ଅର୍ପଣ କରି ବିବେକ ବୁଦ୍ଧି ବଳରେ କର୍ମ କରି ମୋତେ ସର୍ବଦା ଧ୍ୟାନ କର ।

## ଦାରିଦ୍ର୍ୟ ହ୍ରାସ କେତେ ସଫଳ ?

ଦେଶରେ ଦାରିଦ୍ର୍ୟ ହାର ହ୍ରାସ ପାଇବା ନେଇ ସରକାରୀ ଦୃନ୍ଦ ଉଦୁଜିବା ସ୍ୱାଭାବିକ । ଏକ ସର୍ଭେ ରିପୋର୍ଟରେ ତଥ୍ୟ ଅନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୧୩ପ୍ରତିଶତ ଅର୍ଥାତ ୧୯କୋଟି ଲୋକ ରାତିରେ ପେଟପୁରା ନଖାଇ ଅଧା ଭୋକିଲା ପେଟରେ କାଳାତିପାତ କରିଥାନ୍ତି । ଯାହାକି ଦାରିଦ୍ର୍ୟର ପ୍ରମାଣ ବୋଲି କୁହାଯାଇ ପାରେ । କେବଳ ଏତିକି ନୁହେଁ, ଅତ୍ୟାବଶ୍ୟକୀୟ ପୁଷ୍ଟିକର ଖାଦ୍ୟର ଅଭାବ ଉଭୟ ଶାରୀରିକ ବୃଦ୍ଧି ଓ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରୁଛି । ଏଥିରେ ଦ୍ୱିରିକ୍ତି ନାହିଁ ଯେ, କ୍ଷୁଧା ଏକ ସାଧାରଣ ଶରୀର ବା ସ୍ୱାସ୍ଥ୍ୟ ହାନିର କାରଣ । ଦାରିଦ୍ର୍ୟ ଏବଂ ଅସମାନତା ହେଉଛି ଜଣେ ବ୍ୟକ୍ତି ଯଥେଷ୍ଟ ପରିମାଣର ପୁଷ୍ଟିକାରକ ଖାଦ୍ୟ ନପାଇବାର ମୁଖ୍ୟକାରଣ । କ୍ଷୁଧା ମଣିଷର ବିକାଶକୁ ସୀମିତ କରିଦେଇଥାଏ । ଉଲ୍ଲେଖଯୋଗ୍ୟ ଭାରତ ଓ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରବର୍ତ୍ତିତ ଦାରିଦ୍ର୍ୟ ମାପଦଣ୍ଡରେ ବ୍ୟାପକ ତାରତମ୍ୟ ରହିଛି । ଦୀର୍ଘ ବର୍ଷ ବର୍ଷ ଧରି ଭାରତର ଦାରିଦ୍ର୍ୟ ମାନଦଣ୍ଡ ସଂଶୋଧନ ହୋଇ ନଥିବା ବେଳେ ବିଶ୍ୱବ୍ୟାଙ୍କ ୨୦୧୭ର ମୂଲ୍ୟ ଆଧାରରେ ଜଣଙ୍କର ଦୈନିକ ଆୟ ୩ ଡଲାର ଅର୍ଥାତ ୨୮୧ ଟଙ୍କା ଧାର୍ଯ୍ୟ କରିଥିଲା । କିନ୍ତୁ ଏସବିଆଇର ଏକ ଗବେଷଣାତ୍ମକ ରିପୋର୍ଟରେ ଭାରତର ଦାରିଦ୍ର୍ୟ ରେଖା ୨୦୨୩-୨୪ରେ ଜଣେ ବ୍ୟକ୍ତିର ଗ୍ରାମାଂଚଳ ପାଇଁ ଦୈନିକ ଆୟ ୫୪ଟଙ୍କା ଏବଂ ସହରାଂଚଳ ପାଇଁ ୬୫ଟଙ୍କା ଧାର୍ଯ୍ୟ କରିଥିଲା । ଏହା ନିସନ୍ଦେହ ଯେ, ଜଣେ ବୟସ୍କ ବ୍ୟକ୍ତିର ଦୈନିକ ଆବଶ୍ୟକତା ପୂରଣ ଉଭୟ ଅର୍ଥ ପରିମାଣ ଯଥେଷ୍ଟ ନୁହେଁ ସେ ଯାହା ହେଉନା କାହିଁକି ଏହା ଜଣେ ବ୍ୟକ୍ତିର ଦୟନୀୟ ଦାରିଦ୍ର୍ୟକୁ ଚିତ୍ରଣ କରୁଛି ବୋଲି କୁହାଯାଇପାରିବ । ଆହୁରି ମଧ ଏସବିଆଇ ଦେଶରେ ମାତ୍ର ୫ ପ୍ରତିଶତ ଅର୍ଥାତ ୭କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ଆକଳନ କରିଛି । ଭାରତରେ ମଧ ଦାରିଦ୍ର୍ୟ ରେଖା ଦୈନିକ ଖାଉଟି ବ୍ୟୟ ଉପରେ ବିବେଚନା କରାଯାଏ । ତେବେ ପ୍ରଶ୍ନ ଉଠୁଛି ଏତିକି ପରିମାଣର ଆୟରେ ଜଣେ ବ୍ୟକ୍ତି ଘରଭଡା, ଖାଦ୍ୟ, ଶିକ୍ଷା, ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ କରିପାରିବା ସମ୍ଭବ । କହିବା ବାହୁଲ୍ୟ ବର୍ତ୍ତମାନର ବଜାର ଦର ଅନୁସାରେ ମୌଳିକ ଆବଶ୍ୟକତା ପୂରଣ ପାଇଁ ଜଣେ ବ୍ୟକ୍ତିର ସର୍ବନିମ୍ନ ୩୦୦୦ଟଙ୍କା ଆବଶ୍ୟକ ହେଉଥିବା ବେଳେ କେନ୍ଦ୍ର ସରକାର ଦୈନିକ ସର୍ବନିମ୍ନ ମଜୁରୀ ୧୭୮ ଟଙ୍କା ଧାର୍ଯ୍ୟ କରିଛନ୍ତି । ଏସବିଆଇ ମଧ ଗ୍ରାମାଂଚଳ ପାଇଁ ଦୈନିକ ୧୩୭ ଟଙ୍କା ଧାର୍ଯ୍ୟ କରିଥିବାବେଳେ ସହରାଂଚଳ ପାଇଁ ୧୭୩ଟଙ୍କା ଧାର୍ଯ୍ୟ କରିଛି । ତଥାପି ଏହା ଜଣେ ବ୍ୟକ୍ତିର ଜୀବନ ଧାରଣ ପାଇଁ ଏକ ଚ୍ୟାଲେ ସଦୃଶ ହୋଇରହିଛି । ଉଲ୍ଲେଖଯୋଗ୍ୟ ଯେ, ଦାରିଦ୍ର୍ୟର ମାପକାଠି ନିର୍ଣ୍ଣୟ ପାଇଁ ଅତୀତରେ ବହୁ ଶିକ୍ଷାବିତ୍, ମେଧାବୀ ବହୁ ଗବେଷଣାମୂଳକ ତଥ୍ୟ ପ୍ରକାଶ କରିଥିବାବେଳେ କୌଣସି ଗୋଟିଏ ହେଲେ ରିପୋର୍ଟ ଦାରିଦ୍ର୍ୟର ସମସ୍ତ ସର୍ତ୍ତାବଳୀକୁ ପୂରଣ କରିପାରି ନାହାନ୍ତି । ଭାରତ ସରକାର ମଧ ଦୀର୍ଘ ବର୍ଷ ବର୍ଷ ଧରି କୌଣସି ମାନଦଣ୍ଡ ସ୍ଥିର କରିପାରିନାହାଁନ୍ତି । ବିଶ୍ୱବ୍ୟାଙ୍କ ହେଉ ଅବା ଏସବିଆଇ ହେଉ କିମ୍ବା ସରକାର ହୁଅନ୍ତୁ ଦାରିଦ୍ର୍ୟ ହାର ହ୍ରାସ ନେଇ ଡିଣ୍ଡିମ ପିଟୁଥିଲେ ମଧ ବାସ୍ତବ କ୍ଷେତ୍ରରେ ଦୁଇଓଳା ପେଟପୁରା ଖାଇବାକୁ ସମର୍ଥ ହେଉନାହାଁନ୍ତି । ଦେଶରୁ ଦାରିଦ୍ର୍ୟ ହ୍ରାସ ପାଉଥିବା ନେଇ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଥିବାବେଳେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଦେଶର ୬୬ପ୍ରତିଶତ ତଥା ୧କୋଟି ୩୫ଲକ୍ଷ ଲୋକଙ୍କୁ ମୁଣ୍ଡପିଛା ମାସିକ ୫କିଲୋ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି । ୨୦୨୪ ଜାନୁୟାରୀ ପହିଲାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ମୋଟ ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଛନ୍ତି । ତେବେ ୮୦କୋଟି ଲୋକଙ୍କୁ ମାଗଣା ଖାଦ୍ୟାଶସ୍ୟ ଯୋଗାଇଦେବାର ଯଥାର୍ଥତା କ'ଣ । ଏହି ଯୋଜନା ଖାଦ୍ୟ ନିରାପତାକୁ ସୁଦୃଢ କରିଛି ସତ କିନ୍ତୁ ବାସ୍ତବରେ ବହୁ ସଂଖ୍ୟାକ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଆହୁରି ମଧ ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ବହୁ ସଂଖ୍ୟାକ ଲୋକ ଦାରିଦ୍ର୍ୟ ଏବଂ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସଦ୍ୟ ପ୍ରକାଶିତ ସମାନତା ରିପୋର୍ଟରେ ଯଦିଓ ଭାରତ ଚତୁର୍ଥ ସ୍ଥାନରେ ରହିଛି, ତଥାପି ଏହା ଦ୍ୱନ୍ଦ ମୁକ୍ତ ନୁହେଁ ।

### ବିଶ୍ୱ ଐତିହ୍ୟ ଦିବସ

ପ୍ରତିବର୍ଷ ଏପ୍ରିଲ ୧୮ ତାରିଖକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରାଯାଏ । ଆମ ପୂର୍ବଜ ଦେଇଥିବା ଧରୋହର, ପରମ୍ପରା, ପୁରୁଣା ଦିନର ଅମୂଲ୍ୟ ସ୍ମୃତିକୁ ସାଇତି ରଖିବା ଉଦ୍ଦେଶ୍ୟରେ ୟୁନେସ୍କୋ ଏହି ଦିବସ ପାଳନ କରିବାକୁ ନିଷ୍ପତି ନେଇଥିଲା । ପ୍ରଥମ ବିଶ୍ୱ ଐତିହ୍ୟ ଦିବସ ଏପ୍ରିଲ ୧୮, ୧୯୮୨ରେ ଟ୍ୟୁନିଶିୟାରେ ପାଳନ କରାଗଲା । ପ୍ରତ୍ୟେକ ଦେଶର ଇତିହାସ, ତାର ବର୍ତମାନ ଓ ଭବିଷ୍ୟତର ମୂଳଦୂଆ ଥାଏ । ଯେଉଁ ଦେଶର ଇତିହାସ ଯେତେ ଗୌରବମୟୀ, ବିଶ୍ୱ ସ୍ତରରେ ତାର ସ୍ଥାନ ସେତିକି ଉଚ୍ଚରେ । ବିତି ଯାଇଥିବା କାଲି କେବେ ଫେରିଆସେନା, କିନ୍ତୁ ସେ କାଳର ପ୍ରାକୃତିକ ଓ ଐତିହାସିକ ସମ୍ପଦ, ଅଟ୍ଟାଳିକା, ସାହିତ୍ୟ ଆଦି ସର୍ବଦା ସଜୀବ ଥାଏ । ବିଶ୍ୱ ଐତିହ୍ୟ ସ୍ଥାନ ପ୍ରତ୍ୟେକ ଦେଶର ସଭ୍ୟତା ଓ ପ୍ରାଚୀନ ସଂସ୍କୃତିର ମହତ୍ୱପୂର୍ଣ୍ଣ ପରିଚାୟକ ବୋଲି ମନେ କରାଯାଏ । ୧୯୮୩ରେ ଭାରତର ୪ଟି ଐତିହାସିକ ସ୍ଥଳକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ୟୁନେସ୍କୋ ଚିହ୍ନଟ କରିଥିଲା । ସେଗୁଡ଼ିକ ହେଉଛି ତାଜମହଲ, ଆଗ୍ରା ଦୁର୍ଗ, ଅଜନ୍ତା ଓ ଏଲୋରା ଗୁମ୍ଫା । ପରେ ପରେ ଭାରତର

# ଐତିହ୍ୟର ହା ହା କାର !!

◆ ଡ଼ଃ.ଅରୁନ୍ଧତୀ ଦେବୀ

ଅନେକ ଐତିହାସିକ ସ୍ଥଳକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ତାଲିକାରେ ସ୍ଥାନ ଦେଇଛି । ୨୦୧୧ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ସମୁଦାୟ ୯୧୧ଟି ବିଶ୍ୱ ଐତିହ୍ୟ ସ୍ଥଳ ଥିଲା । ତନ୍ମଧ୍ୟରୁ ୭୦୪ଟି ଐତିହାସିକ ଓ ସାଂସ୍କୃତିକ, ୧୮୦ଟି ପ୍ରାକୃତିକ ଏବଂ ୨୭ଟି ମିଶ୍ରିତ ସ୍ଥଳ ଅଛି । ଆଜି ଦିନରେ ସାରା ବିଶ୍ୱ ପାଳନ କରୁଛି ଐତିହ୍ୟ ଦିବସ । ଆମେ ବି ପାଳୁଛୁ - ଦେଶରେ, ରାଜ୍ୟରେ । ପତ୍ରପତ୍ରିକାରେ ବଡ଼ ବଡ଼ ଲେଖା ଛାପୁଛୁ । ଐତିହ୍ୟ ବୋଲି ଯାହାକୁ ବୁଝୁ ସେଗୁଡ଼ିକର ବିଭିନ୍ନ ଅବସ୍ଥାର ଫଟୋଚିତ୍ର ପ୍ରକାଶ କରୁଛୁ । ଆଲୋଚ୍ୟ ସମ୍ମାନ ଆଦି ଆୟୋଜନ କରି ଐତିହ୍ୟର ସୁରକ୍ଷା ସମ୍ପର୍କରେ ଅର୍ଥହୀନ ଉଚ୍ଚାରଣ ଗୁଡ଼ାଏ କରୁଛୁ । କିନ୍ତୁ କ'ଣ ଏ ଐତିହ୍ୟ ? ଏହା କେଉଁ ଅବସ୍ଥାରେ ରହିଛି ? ସଂରକ୍ଷଣର ବାଟ କ'ଣ ଏବଂ ସମ୍ଭାବନା କେତେ - କିଛି ଚିନ୍ତା କରିଛୁ ? ଐତିହ୍ୟ କେବଳ ସ୍ଥାପତ୍ୟ କି କୀର୍ତିରାଜି ନୁହେଁ । ଅଥବା ଇତିହାସର ନୁହେଁ । ଐତିହ୍ୟ ହେଉଛି ଗୋଟିଏ ଜାତିର ଜୀବନର ସୂଚୀପତ୍ର । ତାର ପ୍ରାଣ ସ୍ପନ୍ଦନ । ଗୋଟିଏ ଦେଶର ସଭ୍ୟତାର ପରିଭାଷା ହେଉଛି ଏହି ଐତିହ୍ୟ । ଯେଉଁଜାତିର ଐତିହ୍ୟ ଯେତେ ଉନ୍ନତ ସେ ଜାତି ସଭ୍ୟତାର ପରିଭାଷା ହେଉଛି ଏହି ଐତିହ୍ୟ । ଯେଉଁଜାତିର ଐତିହ୍ୟ ଯେତେ ଉନ୍ନତ ସେ ଜାତି ସେତେ ଆଭିଜାତ୍ୟ ସମ୍ପନ୍ନ ବୋଲି କୁହାଯାଏ । ଐତିହ୍ୟର ସୁରକ୍ଷା କୌଣସି ନିର୍ଦ୍ଦିଷ୍ଟ ଦେଶ ବା ଜାତିର ଦାୟିତ୍ୱ ନୁହେଁ, ଏହା ସାରା ବିଶ୍ୱର ମାନବସମାଜର ଦାୟିତ୍ୱ । ଇକୋମ୍ସ ଇ□ରନ୍ୟାସନାଲ କାଉନସିଲ ଫର୍ ମନ୍ୟୁମେଂଟସ୍ ଆଣ୍ଡ ସାଇଟସ୍ ନାମରେ ଏକ ଆନ୍ତର୍ଜାତିକ ସଂସ୍ଥା ରହିଛି । ଏହି ସଂସ୍ଥା ତରଫରୁ ୧୯୮୨ ମସିହା ଏପ୍ରିଲ ୧୮ ତାରିଖରେ ଟ୍ୟୁନିସିଆ ଠାରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ସେହି ଆଲୋଚନାଚକ୍ରରେ ନିଷ୍ପତି ନିଆଗଲା, ସାଂସ୍କୃତିକ ଐତିହ୍ୟ ଏବଂ ପ୍ରାଚୀନ କୀର୍ତିରାଜିର ସଂରକ୍ଷଣ ଆବଶ୍ୟକତା ଉପରେ ବିଶ୍ୱ ଜନସମୁଦାୟ ସଚେତନ ହେବା ପାଇଁ ଅବସର ସୃଷ୍ଟି କରାଯିବ । ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ସ୍ଥିର କରାଗଲା । ସେହି ଦିନଟି ହେଉଛି ଏପ୍ରିଲ ୧୮/୧୯୮୨ ମସିହା ପରଠାରୁ ଏହି ଦିନଟିକୁ ସାରା ବିଶ୍ୱରେ ଐତିହ୍ୟ ଦିବସ ଭାବେ ପାଳନ କରାଯାଇ ଆସୁଛି । ତେବେ ଏହା କେବଳ ଆନୁଷ୍ଠାନିକତା ଭିତରେ ଛନ୍ଦି ହୋଇ ରହିଯାଇଛି ନା ସତରେ ଐତିହ୍ୟର ସଂରକ୍ଷଣ ସହିତ ତାର ଗାରିମାକୁ ଆହୁରି ଉଜାଗର କରୁଛି, ତାହା ଏକ ବଡ଼ ପ୍ରଶ୍ନ । ଗବେଷକମାନଙ୍କ ମତରେ ଐତିହ୍ୟ ଦୁଇ ପ୍ରକାର । ଦୃଶ୍ୟମାନ ଓ ଅନୁଭବ୍ୟ । ସ୍ଥାପତ୍ୟ କଳା, ମନ୍ଦିର, ମୂର୍ତି ଆଦି ହେଉଛି ଦୃଶ୍ୟମାନ ଐତିହ୍ୟ । ଆମ ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଚିଲିକା, ଅଂଶୁପା, ଭଳି ହ୍ରଦ ଗନ୍ଧମାର୍ଦ୍ଦନ ଭଳି ପର୍ବତ ମଧ ପ୍ରାକୃତିକ ଦୃଶ୍ୟମାନ ଐତିହ୍ୟ । ଭାଷା, ପରମ୍ପରା, ନୃତ୍ୟ, ସଂଗୀତ ଆଦି ହେଉଛି ଅଦୃଶ୍ୟ ବା ଅନୁଭବ୍ୟ । ଏହା ଦେଖିହୁଏ ନାହିଁ, କିନ୍ତୁ ଅନୁଭବ କରିହୁଏ । ତେବେ, ଉଭୟ ଦୃଶ୍ୟମାନ ଓ ଅନୁଭବ୍ୟ ଐତିହ୍ୟ ଆଜି ଅସୁରକ୍ଷିତ ଏବଂ ବିପନ୍ନ ସ୍ଥିତିରେ । କେନ୍ଦୁଝର ଜିଲ୍ଲାର ସୀତାବିଂଜ ପ୍ରସ୍ତର କଳା, ଗଞ୍ଜାମ ଜିଲ୍ଲା ବୁଗୁଡ଼ାର କାଠ ତିଆରି ପ୍ରାଚୀନ ବରିଂଚ୍ ନାରାୟଣ ମନ୍ଦିର - ଯାହାକୁ କାଠର କୋଣାର୍କ କୁହାଯାଏ । କୋଣାର୍କ ସୂର୍ଯ୍ୟ ମନ୍ଦିର ଆଦିକୁ ଦେଶରେ ଜଣାପଡ଼େ କେହି ଏମାନଙ୍କର ଅସ୍ତିତ୍ୱ ସମ୍ପର୍କରେ ଆଦୌ ଚିନ୍ତିତ ନୁହନ୍ତି । ସୀତାବିଂଜର ପ୍ରସ୍ତର ଗାତ୍ରରେ ଚିତ୍ର ନାହିଁ ଖାଲି ପଥର ରହିଛି । କୋଣାର୍କର କାରୁକାର୍ଯ୍ୟ ଘୋରି ହୋଇ କ୍ଷୟପ୍ରାପ୍ତ ହୋଇସାରିଲାଣି । କୋଣାର୍କ ମନ୍ଦିର ୪୦ ଭାଗ ବର୍ତମାନ ସିମେ□ ଲେପ ଭିତରେ ଲୁଚି ରହିଲାଣି । ବାକି ଅଂଶକୁ ଆଚ୍ଛାଦିତ କରି ରଖିଛି ମହଣ ମହଣ ଓଜନର ଲୁହାଭରା । ସଂରକ୍ଷଣ ପାଇଁ ଅର୍ଥର ଅଭାବ ନାହିଁ । ବିଶ୍ୱବ୍ୟାଙ୍କ ପଇସା ଦେଉଛି, କେନ୍ଦ୍ର ସରକାର ପଇସା ଦେଉଛନ୍ତି । କିନ୍ତୁ ସଂରକ୍ଷଣ ଦାୟିତ୍ୱରେ ଥିବା ଏଏସ୍ଆଇ ରାଜ୍ୟ ପ୍ରତ୍ନତ୍ୱ ବିଭାଗ ଏବଂ ଇନଟାକ୍ କେହି ହେଲେ ସଂରକ୍ଷଣ ଦାୟିତ୍ୱ ତୁଲାଇ ପାରୁନାହାନ୍ତି । ଏଏସ୍ଆଇ ଅଧୀନରେ ଓଡ଼ିଶାର ୮୦ଟି ପ୍ରାଚୀନ ମନ୍ଦିର ସ୍ଥାପତ୍ୟର ସଂରକ୍ଷଣ ଦାୟିତ୍ୱ ନ୍ୟସ୍ତ ରହିଛି । ରାଜ୍ୟ ପ୍ରତ୍ନତ୍ୱ ବିଭାଗ ହାତରେ ଅଛି ୩୦୦ଟିର ଦାୟିତ୍ୱ । ଏଏସ୍ଆଇ କେନ୍ଦ୍ର ବଜେଟ ଅର୍ଥରେ କାମ କରୁଛି, ରାଜ୍ୟ ଉପରେ ନିର୍ଭର କରୁନି । ଦ୍ୱାଦଶ ଅର୍ଥ କମିଶନଙ୍କ ପରେ ତ୍ରୟୋଦଶ ଅର୍ଥ କମିଶନ ବି ରାଜ୍ୟର ଐତିହ୍ୟ ସଂରକ୍ଷଣ ପାଇଁ ହାତ ଖୋଲା କରିଦେଇଛନ୍ତି । ରାଜ୍ୟ ପ୍ରତ୍ନତତ୍ୱ ବିଭାଗକୁ ୮୦ କୋଟି ଟଙ୍କା ଦେଇଛନ୍ତି ମନ୍ଦିର ଗୁଡ଼ିକର ପୁନରୁଦ୍ଧାର ପାଇଁ । ଇନ୍ଟାକକୁ ମଧ ୧୦ କୋଟି ମିଳିଛି । କିନ୍ତୁ ଏତେ ଅର୍ଥ ହେଉଛି କ'ଣ ? ଜାତିର ବହୁମୂଲ୍ୟ ଐତିହ୍ୟ ସଂରକ୍ଷଣ କରାଯାଉଛି କେମିତି ? ଏହାକୁ ଯା□ କରୁଛି କିଏ ? ପ୍ରାଚୀନ ଐତହ୍ୟ ଭିତରେ ଆସୁଛି ଆଗ ଓଡ଼ିଆଭାଷା । ରାଜ୍ୟ ସାରା ଇଂରାଜୀ ମାଧ୍ୟମ ବିଛେଇ ହୋଇସାରିଛି କେଉଁକାଳୁ । ପିଲା ଓଡ଼ିଆ ଭୁଲି ସାରିଲେଣି । କୌଣସି ସରକାରୀ ଅଫିସରେ ଓଡ଼ିଆଭାଷାରେ ଚିଠିଟିଏ ବି ଲେଖା ହେଉନି । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ବୋଲି ଆମେ ସମସ୍ତେ ଗଦ୍‌ଗଦ୍ ହେଲୁ, ଅଥଚ ସାଇନ୍ ବୋର୍ଡ଼ଟିଏ ବି ଇଂରାଜୀରୁ ଓଡ଼ିଆକୁ ପରିବର୍ତିତ ହେଲା ନାହିଁ । କ'ଣ ହେବ ସଂରକ୍ଷଣ ଏବଂ କାହାପାଇଁ । ଯଦି ଆମେ ନିଜେ ନ ଚାହିଁବା, ଆମକୁ ଜଗିବ କିଏ ?

*ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ନୂଆଦିଲ୍ଲୀ, :୯୯୩୭୧୭୨୮୧୦*

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ସାମ୍ରାଜ୍ୟବାଦର ପ୍ରଭାବ



◆ ଅଧ୍ୟାପକ ଗୋପବନ୍ଧୁ

ସାଂପ୍ରତିକ ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ବିଶ୍ୱରେ ଅଶାନ୍ତିର ମୂଳ କାରଣ ଭାବେ ଦେଖା ଦେଇଛି । ଏହାର ପ୍ରତିଫଳନ ମଧ୍ୟ-ପ୍ରାଚ୍ୟ ଅଂଚଳରେ ଲାଗିଥିବା ଯୁଦ୍ଧରେ ସ୍ପଷ୍ଟ ପରିଲକ୍ଷିତ ହେଉଛି । ଯୁଦ୍ଧର ସାମୟିକ ବିରତି ନାମକୁ ମାତ୍ର । ଗୋଟିଏ ପଟେ ସାମ୍ରାଜ୍ୟବାଦୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ ଏବଂ ଅନ୍ୟପଟେ ଇରାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିଲା । ପରିସ୍ଥିତି ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଟାଣି ନେବାର ସମ୍ଭାବନା ଥିଲା ଓ ଏବେ ମଧ ରହିଛି । ଇରାନ ଇସ୍ରାଏଲ, ଆମେରିକା ସମର୍ଥକ ଇଉନାଇଟେଡ ଆରବ ଏମିରେଟସ ଓ ଅନ୍ୟ ଦେଶଗୁଡିକ ଉପରେ ଆକ୍ରମଣ କରିଛି । ବିଶେଷକରି ଏହି ରାଷ୍ଟ୍ରଗୁଡିକରେ ଥିବା ଆମେରିକା ଘାଟିଗୁଡିକ ଉପରେ ମିଶାଇ ଓ ଡ୍ରୋନ ମାଡ କରିଛି । ଆମେରିକା ଓ ଇସ୍ରାଏଲର ଆକ୍ରମଣକୁ ଇଂଲଣ୍ଡ ସମେତ ଅନ୍ୟାନ୍ୟ ନାଟୋ ଦେଶମାନେ ସମର୍ଥନ କରୁଥିଲେ ହେଁ ଏଯାଏଁ ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇ ନାହାଁନ୍ତି । ଅନ୍ୟ ପକ୍ଷରେ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆ ଓ ଚୀନ ପରୋକ୍ଷଭାବେ ଇରାନକୁ ସମର୍ଥନ କରୁଛନ୍ତି । ଯୁଦ୍ଧ ସମାଗ୍ରୀ ଓ ଗୋଇନ୍ଦା ସହାୟତା ଯୋଗାଉ ଥିବାର ଅଭିଯୋଗ ହେଉଛି । ନିର୍ଦ୍ଦିଷ୍ଟ ଆକ୍ରମଣର ବିନ୍ଦୁ ବିଷୟରେ ସୂଚନା ଏମାନେ ଇରାନକୁ ଦେଉଛନ୍ତି । ଫଳରେ ଇରାନର ପାଲଟା ଆକ୍ରମଣ ଶାଣିତ ହୋଇଛି । ଆଗୁଆ ନେତା ମାନଙ୍କର ମୃତ୍ୟୁ ସତ୍ୱେ ଇରାନ ଏଯାଏଁ ସଫଳ ମୁକାବିଲା କରିଆସିଛି । ଅନ୍ୟପଟେ ଆଉ ଏକ ସାମ୍ରାଜ୍ୟବାଦୀ ରାଷ୍ଟ୍ର ରୁଷିଆ ୟୁକ୍ରେନକୁ ଦଖଲ କରିନେବା ଚକ୍କରରେ ରହିଛି । ଉଭୟ ଦେଶ ମଧ୍ୟରେ ଦୀର୍ଘବର୍ଷ ଧରି ଲଢେଇ ଚାଲିଛି । ତୁଳାନାତ୍ମକଭାବେ ୟୁକ୍ରେନ ଦୁର୍ବଳ ରାଷ୍ଟ୍ର ହେଲେ ମଧ ତାହା ସଫଳତାର ସହିତ ମୁକାବିଲା କରିଆସିଛି । ୟୁକ୍ରେନକୁ ନାଟୋ ଦେଶମାନେ ସହଯୋଗ କରୁଛନ୍ତି । ନିକଟରେ ୟୁକ୍ରେନ ଡ୍ରୋନ ପ୍ରତିରୋଧି ଜ୍ଞାନକୌଶଳ ଇସ୍ରାଏଲକୁ ଯୋଗାଇ ଦେବାର ଘୋଷଣା କରିଛି । ପ୍ରତିଦ୍ୱନ୍ଦୀ ରୁଷିଆ ଯେହେତୁ ଇରାନକୁ ସମର୍ଥନ କରି ସାମାରିକ ସହଯୋଗ ଯୋଗାଉଛି, ତେଣୁ ୟୁକ୍ରେନ୍ ଇରାନର ବିରୋଧୀଙ୍କୁ ସମର୍ଥନ କରିବା ସ୍ୱାଭାବିକ । ଆଉ ଏକ ସାମ୍ରାଜ୍ୟବାଦୀ ରାଷ୍ଟ୍ର ଚୀନ ସର୍ବଦା ତାର ପୋଡେଶୀଙ୍କ ଉପରେ ଲୋଲୁପ ଦୃଷ୍ଟି ରଖିଛି । ସମସ୍ତ ପୋଡେଶୀଙ୍କ ସହିତ ତାର ସୀମା ବିବାଦ ରହିଛି । ତାଇୱାନକୁ ନିଜ ସହିତ ସାମିଲ କରିନେବାର ପ୍ରୟାସ ଚଳାଇଛି । ପୂର୍ବରୁ ତିବ୍ବତକୁ ଗିଳି ସାରିଛି । ୧୯୬୨ ମସିହା ଲଢେଇରେ ଆମର କିଛି ଅଂଶ ମାଡ଼ି ବସିଛି । ଲାଦାଖ୍ ସମେତ ବିଭିନ୍ନ ଅଂଚଳରେ ଅନୁପ୍ରବେଶ ପ୍ରଚେଷ୍ଟା ଜାରି ରଖିଛି । ଆମ ଦେଶର ଅନେକ ଅଂଚଳକୁ ତାର ବୋଲି ଦାବି କରିଆସିଛି । ମଧ-ପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକା ଲାଟିନ୍ ଆମେରିକୀୟ ରାଷ୍ଟ୍ର ଭେନିନଜୁଏଲା ଉପରେ ଆକ୍ରମଣ କରି ତାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ବନ୍ଦୀକରି ନେଇଛି । ତାଙ୍କ ସ୍ଥାନରେ ନିଜ ଆନୁଗତ୍ୟ ଜଣକୁ ଶାସନ ଗାଦିରେ ବସାଇଛି । ପୋଡଶୀ କାନାଡ଼ା ଓ ଗ୍ରୀନଲାଣ୍ଡକୁ ଅଧିକାର କରିନେବାର ଧମକ ଦେଉଛି । ଲାଟିନ୍ ଆମେରିକାର ଅନେକ ଅଂଚଳରେ ଏହାର ଗଡାଣିଆ ସରକାର ଚାଲିଛି । ମଧ-ପ୍ରାଚ୍ୟରେ କେବଳ ଇରାନକୁ ଛାଡ଼ି ଅନ୍ୟ ସମସ୍ତ ଦେଶକୁ ନିଜ ଆନୁଗତ୍ୟ ବନାଇ ସେ ସମସ୍ତ



ଦେଶରେ ନିଜ ସାମରିକ ଘାଟି ବନାଇଛି । ଯେଉଁଥି ପାଇଁ ଇରାନ ସେସବୁ ସ୍ଥାନରେ ଆକ୍ରମଣ କରିଛି । ଯୁକ୍ତରାଷ୍ଟ୍ର ଆମେରିକାର ସର୍ବଦା ଲକ୍ଷ୍ୟ ରହିଛି ମଧ-ପ୍ରାଚ୍ୟ ଦେଶଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ । କାରଣ ଏହି ଦେଶଗୁଡିକରେ ଖଣିଜ ତୈଳ ଓ ଗ୍ୟାସ୍ ଭରି ରହିଛି । ପ୍ରାୟ ସମସ୍ତ ଦେଶକୁ ପ୍ରଲୋଭନ ଓ ଧମକଚମକ ଦେଇ ନିଜର ଗଡାଣିଆ ବନାଇବାରେ ସକ୍ଷମ ହୋଇଛି । ନିଜ ଡଲାରର ସୁରକ୍ଷା ଓ ପ୍ରଭାବ ବିସ୍ତାର ପାଇଁ ଏହି ଅଂଚଳରୁ ଖଣିଜ ତୈଳ ଓ ଇନ୍ଧନ ଗ୍ୟାସର କିଣାବିକା ଡଲାର ଜରିଆରେ କରିବା ପାଇଁ ବାଧ କରିଛି । ଇସ୍ରାଏଲର ସାମ୍ରାଜ୍ୟବାଦୀ ମନୋଭାବ ଯୋଗୁଁ ତାର ପୋଡେଶୀମାନଙ୍କ ସହିତ ଝଗଡ଼ା ଲାଗିରହିଛି । ପାଲେଷ୍ଟାଇନ, ସିରିଆ ଓ ଲେବାନନର ଅନେକ ଅଂଚଳକୁ ମାଡ଼ିବସିଛି । ଏ ଅଂଚଳରେ ଇରାନ ଶକ୍ତିଶାଳୀ ହେବା ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ ପାଇଁ ବିପଦ । ତେଣୁ ଆଣବିକ ଅସ୍ତ୍ର ତିଆରି ଅଭିଯୋଗରେ ଇରାନ ଉପରେ ଏ ଆକ୍ରମଣ ହୋଇଛି । ଯଦିଓ ଇରାନ ଏହାର ତଦାରଖ ପାଇଁ ଅନୁମତି ଦେବାର ସପକ୍ଷରେ ଥିଲା ବୋଲି ମଧସ୍ଥି ଓମାନର ବୈଦେଶିକମନ୍ତ୍ରୀ ବାଦର ଆଲବୁସାଇଦିଙ୍କ ସୂତ୍ରରୁ ପ୍ରକାଶ । ଏକଦା ଏ ଅଂଚଳରେ ଇରାକ ଶକ୍ତିଶାଳୀ ରାଷ୍ଟ୍ରଭାବେ ଉଭା ହୋଇଥିଲା । ମିଛ ପ୍ରଚାର କରାଇ ଯୁକ୍ତରାଷ୍ଟ୍ର ଆମେରିକା ଇରାକ ଓ ଇରାନ ମଧ୍ୟରେ ଯୁଦ୍ଧ ଲଗାଇ ଉଭୟଙ୍କୁ ଦୁର୍ବଳ କରିଥିଲା । ପରେ ଇରାକର କ୍ରମ ବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ଏହା ଆଣବିକ ସମେତ ଜୈବିକ ଓ ରାସାୟନିକ ଅସ୍ତ୍ରଶସ୍ତ୍ର ତିଆରି କରୁଛି ବୋଲି ଅଭିଯୋଗ ଆଣିଥିଲା । ସେ ସମୟରେ ଇରାକ ଜାତିସଂଘର ପ୍ରତିନିଧିଙ୍କୁ ତଦାରଖ କରିବା ପାଇଁ ଅନୁମତି ଦେବାକୁ ରାଜି ହୋଇଥିଲା । ତଥାପି ଇରାକ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ଆକ୍ରମଣ କରି ଇରାକକୁ ଅଧିକାର କରି ନେଇଥିଲା ଓ ସେଠାକାର ରାଷ୍ଟ୍ରପତି ସାଦାମ ହୁସେନଙ୍କୁ ଗାଦିଚ୍ୟୁତ କରିଥିଲା । ପରେ ଗିରଫ କରି ବିଭିନ୍ନ ଅଭିଯୋଗ ଆଣି ତାଙ୍କୁ ଫାଶୀ ଖୁଂଟରେ ଝୁଲାଇ ଥିଲା । ଏବେ ପୁଣି ସେହି ଘଟଣାର ପୁନରାବୃତି ହେଉଛି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖୋମେନି ସମେତ ଅନେକ ଶୀର୍ଷ ନେତାଙ୍କୁ କ୍ଷେପଣାସ୍ତ୍ର ମାଡକରି ମାରି ସାରିଛି । ପ୍ରତ୍ୟେକ ଦେଶର ନାଗରୀକ ଶାନ୍ତିରେ ସୁଖମୟ ଜୀବନଯାପନ କରିବାକୁ ଚାହାଁନ୍ତି । ସେମାନେ କେବେ ଯୁଦ୍ଧ ଚାହାଁନ୍ତି ନାହିଁ । କାରଣ ସମସ୍ତେ ଜାଣିଛନ୍ତି ଯୁଦ୍ଧ ହେଲେ ଅନେକ ଧନଜୀବନ ନଷ୍ଟ ହେବ । କେତେ ପିଲା ଅନାଥ ହେବେ, ମାଆ-ବାପା କେତେ ପୁଅ-ଝିଅକୁ ହରାଇବେ, ଅନେକ ସ୍ତ୍ରୀ ବିଧବା ହେବେ, କେତେ ଆତ୍ମୀୟ-ସ୍ୱଜନ ମରିବେ, କେତେ ଖଣ୍ଡିଆ ଖାବରା ହେବେ, ଦରଦାମ ବଢିବ, ଖାଦ୍ୟପେୟର ଅଭାବ ଦେଖାଦେବ ଇତ୍ୟାଦି । ଏହା ସତ୍ୱେ ବେଳେବେଳେ ଅବାଞ୍ଛିତ ଭାବେ ଯୁଦ୍ଧ ଲଦି ଦିଆଯାଏ । ବିଭିନ୍ନ ରାଷ୍ଟ୍ରରେ କିଛି ଅମାନିଆ ଓ ଅହଂକାରୀ ନେତାଙ୍କ ଆବିର୍ଭାବ ହୁଏ । ଏମାନେ ସାରା ବିଶ୍ୱକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାଁନ୍ତି । ନିଜ ଫାଇଦା ପାଇଁ ଅନ୍ୟ ଦେଶକୁ ନିଜ ବୋଲକରା ବନାଇ ରଖିବାକୁ ଚାହାଁନ୍ତି । ଚୀନ ଓ ରୁଷିଆ ଭିତରେ ଥିବା ସାମ୍ରାଜ୍ୟବାଦୀ ମନୋଭାବ ଏବେ ଏତେ ଉଗ୍ର ରୂପରେ ପ୍ରକାଶିତ ହୋଇନାହିଁ, ଯାହା ଯୁକ୍ତରାଷ୍ଟ୍ର ଆମେରିକା କ୍ଷେତ୍ରରେ ପ୍ରକାଶିତ ହେଉଛି । ତେଣୁ ସେମାନେ ନେପଥ୍ୟେ ଥାଇ ପରିସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି । ଯେଉଁଦିନ ପ୍ରତ୍ୟକ୍ଷ ଲଢ଼େଇକୁ ଓହ୍ଲାଇବେ ସେହିଦିନ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ବୋଲି ଧରିବାକୁ ହେବ । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ବିଷୟରେ ସମସ୍ତେ ଜାଣନ୍ତି । ଏଦିଗରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନାହୁ ମଧ୍ୟ ପଛରେ ନାହାଁନ୍ତି । ବିଗତ ଦୁଇଟି ବିଶ୍ୱଯୁଦ୍ଧରେ ସାମ୍ରାଜ୍ୟବାଦୀ ଶକ୍ତିର ଦୟନୀୟ ପରାଜୟ ବିଶ୍ୱ ଦେଖିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧର ଦୁଇ ଖଳନାୟକ ହିଟଲର ଓ ମୁସୋଲିନୀଙ୍କ ଅନ୍ତିମ ଅବସ୍ଥା ବିଷୟରେ ସମସ୍ତଙ୍କୁ ଜଣା । ବିଶ୍ୱରେ ପୁନରାୟ ସାମ୍ରାଜ୍ୟବାଦର ଉତାନ ହେଉ ଏହା ବିଶ୍ୱବାସୀ ଚାହାଁନ୍ତି ନାହିଁ । କାରଣ ଏହାର ଅନ୍ତିମ ପରିଣତି ହେଉଛି ଯୁଦ୍ଧ ଓ ବିଭୀଷିକା । ଅତୀତର ଦିଗବିଜୟୀ ସମ୍ରାଟ ନେପୋଲିୟନ୍ ଅଥବା ଆଲେକଜାଣ୍ଡାର୍ ହେବାର ଅବକାଶ ଏବେ ଆଉ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦୀ ନୀତି ବାରମ୍ବାର ପରାହତ ହୋଇଛି । ଏପରିକି ଛୋଟ ଛୋଟ ଦେଶକୁ ପରାଜିତ କରିନପାରି ପଳାଇବାକୁ ବାଧ ହୋଇଛି । ଲାଟିନ୍ ଆମେରିକୀୟ ଛୋଟ ଦେଶ କ୍ୟୁବାକୁ ଦମନ କରିପାରି ନାହିଁ । ଭିଏତନାମରେ ନଅବର୍ଷ ଲଢିବା ପରେ ହାରମାନି ପଳାଇବାକୁ ବାଧ ହୋଇଛି । ଆଫଗାନିସ୍ଥାନରେ ନିଜ ଗଡାଣିଆ ସରକାର ଗଠନ କରିବାକୁ ବିଫଳ ହୋଇଛି । ସେଠାରେ ମୌଳବାଦୀ ତାଲିବାନମାନେ କ୍ଷମତା ଦଖଲ କରି ନେଇଛନ୍ତି । ସାମ୍ପ୍ରତିକ ଅବସ୍ଥାରେ ଇରାନର ଅବସ୍ଥା କଣ ହେବ ତାହା ଏବେଠାରୁ କହିହେବ ନାହିଁ । ଇରାନ ଯୁକ୍ତରାଷ୍ଟ୍ର ଆମେରିକାର ଆଉ ଏକ ଉପନିବେଶ ବନୁ ଏହା ରୁଷିଆ ଓ ଚୀନ ପରି ଶକ୍ତିଶାଳୀ ରାଷ୍ଟ୍ର ଚାହିଁବେ ନାହିଁ । ଉଭୟ ପକ୍ଷ ଅର୍ଥନୈତିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଛନ୍ତି । ଖଣିଜ ତୈଳ ଓ ଗ୍ୟାସ୍ ଖଣି ଉପରେ ଆକ୍ରମଣ ଯୋଗୁଁ ମଧ-ପ୍ରାଚ୍ୟରେ ଏଣେତେଣେ ଅଗ୍ନିର ଲେଲିହାନ ଶିଖା ଦେଖିବାକୁ ମିଳିଛି । ଚାରିଆଡ଼େ ନିଆଁ ଓ ଧୂଆଁର ବିଭୀଷିକା । ଇରାନ ଧମକ ଦେଇଛି ପରିସ୍ଥିତି ବଳବୋତର ରହିଲେ ସେ ଏ ଅଂଚଳର ସମସ୍ତ ତେଲ ଓ ଗ୍ୟାସ୍ ଖଣିକୁ ଧ୍ୱଂସ କରିଦେବ । ଏପରି ହେଲେ ବିଶ୍ୱରେ କେଉଁ ପରିସ୍ଥିତି ତିଆରି ହେବ ତାହା ଅନୁମେୟ । ଏବେ ହରମୁଜ୍ ପ୍ରଣାଳୀକୁ ଇରାନ ବନ୍ଦ କରି ରଖିଛି । ଶତୃପକ୍ଷର ଜାହାଜକୁ ଯିବାକୁ ଦେଉନାହିଁ । ଫଳରେ ବିଶ୍ୱ ସାମୁଦ୍ରିକ ପରିବହନ କ୍ଷେତ୍ରରେ ଗଭୀର ପ୍ରଭାବ ପଡିଛି । ଯୁକ୍ତରାଷ୍ଟ୍ର ଆମେରିକା ଇରାନର ବନ୍ଦରଗୁଡିକୁ ଅବରୋଧ କରିବାର ଘୋଷଣା କରିଛି । ଇରାନ ଘୋଷଣା କରିଛି ଯେଉଁ ପଣ୍ୟବାହୀ ଜାହାଜ ଚୀନ ଓ ରୁଷିଆ ମୁଦ୍ରାରେ କାରବାର କରିବ ତାକୁ ହିଁ ଏହି ପ୍ରଣାଳୀରେ ପରିବହନ କରିବାକୁ ଅନୁମତି ମିଳିବ । ଏହା ଦ୍ୱାରା ଇରାନ ଆମେରିକୀୟ ଡଲାରର ପ୍ରଭାବ ହ୍ରାସ କରିବାକୁ ଚାହୁଁଛି । ଏହି ପ୍ରଣାଳୀକୁ ମୁକ୍ତ ଓ ନିୟନ୍ତ୍ରଣକୁ ନେବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଯୁଦ୍ଧଜାହାଜ ଓ ସୈନିକ ପଠାଇଛି । ଏଥିପାଇଁ ମିତ୍ର ଦେଶମାନଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଯୁଦ୍ଧଜାହାଜ ପଠାଇବାକୁ ଅନୁରୋଧ କରିଥିଲା, କିନ୍ତୁ ସେମାନେ ଏହାକୁ ସମର୍ଥନ କରିନାହାଁନ୍ତି । ଫଳରେ ଯୁକ୍ତରାଷ୍ଟ୍ର ଆମେରିକା ଏଦିଗରେ ଏକା ପଡ଼ିଯାଇଛି । ଆଗକୁ ଆହୁରି ଅନେକ କିଛି ହେବାକୁ ବାକି ଅଛି ।ୟୁଏଇର ଦେଶମାନେ ତାଙ୍କ ଦେଶ ଉପରେ ଆକ୍ରମଣ ଯୋଗୁଁ ଇରାନ ଉପରେ ମିଳିତ ପାଲଟା ଆକ୍ରମଣ ପାଇଁ ମସୁଧା କରିଥିଲେ । ଇରାନ ପୂର୍ବ ଘୋଷଣାରେ ଅଟଳ ରହିଛି ଯେ ଏହି ଦେଶମାନଙ୍କରୁ ଯୁକ୍ତରାଷ୍ଟ୍ର ଆମେରିକାର ସୈନିକ ଘାଟି ବନ୍ଦ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ । ଉଭୟ ଇସ୍ରାଏଲ ଓ ଯୁକ୍ତରାଷ୍ଟ୍ର ଆମେରିକା ଇରାନ ଉପରେ ସ୍ଥଳ ସୈନିକ ଆକ୍ରମଣ ପାଇଁ ପଦକ୍ଷେପ ନେଇ ନାହାଁନ୍ତି । ଅର୍ଥାତ୍ ପଦାତିକ ସୈନିକ ପ୍ରବେଶ କରି ଇରାନକୁ ଦଖଲ କରିବାକୁ ଚେଷ୍ଟା କରି ନାହାଁନ୍ତି । କାରଣ ଏହା ଏତେ ସହଜସାଧ୍ୟ ନୁହେଁ । ମୁଖ୍ୟ ପ୍ରତିବନ୍ଧକ ହେଉଛି ଇରାନର ବିଶାଳ କ୍ଷେତ୍ରଫଳ, ଯାହା ମରୁଭୂମି, ପାହାଡ ଓ ଅସମତଳ ପୃଷ୍ଠଭୂମିରେ ଭରପୁର । ତେଣୁ ସୈନିକମାନେ କୋଠର ପରିସ୍ଥିତିରେ ବହୁଭିତରକୁ ଯାଇ ଆକ୍ରମଣ କରିବା ଓ ନିରାପଦରେ ଫେରିବା ସମ୍ଭବପର ନୁହେଁ । ଏଥିପାଇଁ ଅନେକ ଗୁଡିଏ ନିରାପଦ ସୈନିକ ଘାଟି ତିଆରି କରିବାକୁ ପଡିବ । ଯାହା ସମୟ ଓ ଖର୍ଚ୍ଚ ସାପେକ୍ଷ । ତେଣୁ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲକୁ ଅପେକ୍ଷା କାରିବାକୁ ପଡିବ ଯେତେ ପର୍ଯ୍ୟନ୍ତ ଇରାନ ଭିତରେ ଆଭ୍ୟନ୍ତରୀଣ ବିଦ୍ରୋହ ନହୋଇଛି । ଏଦିଗରେ ଡୋନାଲ୍ଡ ଟ୍ରମ୍ପ ସେଠାକାର ସାଧାରଣ ଜନତାଙ୍କୁ ଉସୁକାଇବାରେ ହେଳା କରିନାହାଁନ୍ତି । ଏବେ ବିଦ୍ରୋହର ସମ୍ଭାବନା ଦେଖା ଯାଉନାହିଁ । ଇରାନ ବିଦ୍ରୋହୀମାନଙ୍କୁ ଦମନ କରିବାରେ ସଫଳ ହୋଇଛି । ଏ ଯୁଦ୍ଧରେ କିଏ ଜିତିବ କିଏ ହାରିବ ତାହା ବଡ଼ କଥା ନୁହେଁ, କିନ୍ତୁ ବଡ଼ କଥା ହେଉଛି ଏହାଦ୍ୱାରା ବିଶ୍ୱ ଅପୂରଣୀୟ କ୍ଷତି ସହିବ । ପ୍ରକୃତି ପ୍ରଦତ ଖଣିଜ ତୈଳ ଓ ଗ୍ୟାସର ବହୁଅଂଶ ଅଯଥା ଜଳିଯିବ । ବିଭିନ୍ନ ଦେଶର ପ୍ରଗତିରେ ବାଧା ଦେଖା ଦେବ । ଅନେକ ଧନଜୀବନ ନଷ୍ଟ ହେବା ସହିତ ମାନବୀୟ ମୂଲ୍ୟବୋଧ ଉପରେ କୁଠାରାଘାତ ହେବ । ଏ ଯୁଦ୍ଧ ଯେତେ ଶୀଘ୍ର ସମାପ୍ତ ହେବ ବିଶ୍ୱସମାଜ ପାଇଁ ସେତେ ଲାଭଦାୟକ ହେବ । ପୂର୍ଣ୍ଣ ଯୁଦ୍ଧବିରତି ଓ ସମସ୍ୟାର ସ୍ଥାୟୀ ସମାଧାନ ହେବା ଉଚିତ । ସାମ୍ପ୍ରତିକ ଅବସ୍ଥାରେ ସାମ୍ରାଜ୍ୟବାଦର ଘାତକ ପ୍ରହାରରୁ ବିଶ୍ୱକୁ ମୁକୁଳାଇବା ଓ ବିଶ୍ୱଶାନ୍ତି ପାଇଁ ସାମୁହିକ ଚିନ୍ତନ କରିବା ଅତ୍ୟନ୍ତ ଜରୁରୀ ।

*ଦର୍ଶନ ବିଭାଗ ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*

## କାନ୍ଦ



◆ବିଶ୍ୱଜିତ ନାୟକ

ନାରୀ ଟିଏ
କାନ୍ଦିପାରେ ବୋଲି ତ
ନିଜ ଲୁହର ସମୁଦ୍ରରେ
ଭସାଇଦିଏ ଛାତିର କୋହ
ମନର ଲହୁକୁ,
ଆଶ୍ୱସ୍ତି ଅନୁଭବ କରେ
ନିଜ ହୃଦୟ ମଧ୍ୟରେ
ହକଦାର ପାଲଟାଯାଏ
ସମବେଦନା ସାଉଁଟିବାକୁ !
ପୁରୁଷଟିଏ କାନ୍ଦିପାରେନି
କି କହିପାରେନି
ନିଜ ଛାତିର ବେଦନା
ଚାପିରଖେ ମନ ଭିତରର
ଅସରନ୍ତି କୋହକୁ,
ନିଜ ଦାମ୍ଭିଲା ଛାତିରେ
ବାନ୍ଧିରଖେ ଆଖିରେ
ଅସରନ୍ତି ଲୁହର ସମୁଦ୍ରକୁ !
ପୁରୁଷଟିଏ ନିଜର
ସବୁ ଯନ୍ତ୍ରଣା ଚାପିରଖି
ନିଜ ଛାତି ଭିତରେ
ଓଠ ରେ ରଖୁଥାଏ
ସଦାବେଳେ ହସଟିକୁ,
ଏ ବିଚିତ୍ର ଦୁନିଆ
ତଥାପି କିଛି ଜାଣି ପାରେନି
ପୁରୁଷ ଟିର ମନ ଭିତରର
ଅଦେଖା କୋହ କୁ !

*ତୁଣ୍ଡପଡ଼ା, କେଦାରପୁର , ସୋରୋ, ବାଲେଶ୍ୱର ମୋ - ୭୯୭୮୨୫୬୩୮୬*



# ସରକାରୀ ମହିଳା ମହାବିଦ୍ୟାଳୟରେ ବାର୍ଷିକ ପତ୍ରିକା 'ଅନନ୍ୟା' ବିତରଣ

ବଲାଙ୍ଗିର : ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ରେ ବାର୍ଷିକ ପତ୍ରିକା 'ଅନନ୍ୟା' ଯୁକ୍ତ ୨ରୁ ସ୍ନାତୋକୋତର ର ସମସ୍ତ କଳା ଓ ବିଜ୍ଞାନ ଛାତ୍ରୀଙ୍କୁ ବିତରଣ କରାଯାଇଥିଲା ।ଏହି ବିତରଣ ଉତ୍ସବରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ. ଅରବିନ୍ଦ କୁମାର ଓଝା ଛାତ୍ରୀମାନଙ୍କର ସାହିତ୍ୟିକ ପ୍ରତିଭାକୁ ପ୍ରଶଂସା କରିଥିଲେ ଏବଂ ଏପରି ସୃଜନଶୀଳ ପ୍ରୟାସ ତାଙ୍କର ବ୍ୟକ୍ତିତ୍ୱ ବିକାଶରେ ମୁଖ୍ୟ ଭୂମିକା ନେବ ବୋଲି କହିଥିଲେ ।ପତ୍ରିକା 'ଅନନ୍ୟା' ର ସଫଳ ପ୍ରକାଶନ ପଛରେ ସମ୍ପାଦନାମଣ୍ଡଳୀର ସହକାରୀ ଅଧ୍ୟାପକ ସଂସ୍କୃତ ବିଭାଗ ଡ଼ଃ.ସଦାଶିବ ମଲ୍ଲିକ,ସହକାରୀ ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ ରତିକାନ୍ତ ନାଏକ,ସହକାରୀ ବିଭାଗ ଅଧ୍ୟକ୍ଷା ଇଂରାଜୀ ବିଭାଗ ଡ଼ଃ.ଅନୁରାଧା ମିଶ୍ର ଙ୍କ ଭୂମିକା ଅଛି ବୋଲି ପତ୍ରିକାର ସମ୍ପାଦକ ଅଧ୍ୟକ୍ଷ ଡଃ.ଅରବିନ୍ଦ ଓଝା ମତ ପ୍ରକାଶ କରିବା ସହ ପତ୍ରିକାର ସାମଗ୍ରୀ ଚୟନ, ସମ୍ପାଦନା,ଭାଷା ଶୈଳୀ ର ସୁନିଶ୍ଚିତତା ଗୁଣତ୍ୱ ରକ୍ଷାରେ ସେମାନଙ୍କ ନିଷ୍ଠା ପୂର୍ଣ୍ଣ ପ୍ରୟାସ ଅନନ୍ୟା କୁ ଏକ ଉଚ୍ଚ ମାନ ର ମୁଖପତ୍ର ଭାବେ ପରିଚିତ କରାଇଛି ।ବାର୍ଷିକ ପତ୍ରିକା 'ଅନନ୍ୟା'ର ପ୍ରଥମ ପୃଷ୍ଠା ଆକର୍ଷଣ ର କେନ୍ଦ୍ରବିନ୍ଦୁ ହୋଇଛି ।ପତ୍ରିକାର ପ୍ରଚ୍ଛଦ ପୃଷ୍ଠା ରେ ସ୍ଥାନ ପାଇଥିବା ଏହି ଚିତ୍ରଟି କେବଳ ଏକ ସାଧାରଣ ଚିତ୍ର ନୁହେଁ, ବରଂ ଏହା ଶିକ୍ଷା,କଳ୍ପନା ଓ ସ୍ୱପ୍ନର ଏକ ସୁନ୍ଦର ସମନ୍ୱୟ କୁ ପ୍ରତିଫଳିତ କରୁଛି ।ଚିତ୍ରରେ ଦେଖାଯାଉଛି ଜଣେ ଛାତ୍ରୀ ପୃଥିବୀର ଗ୍ଲୋବ ଉପରେ ବସି ଗୋଟିଏ ପୁସ୍ତକ ପଢୁଛନ୍ତି ।ଏହି ଦୃଶ୍ୟ ଶିକ୍ଷାର ଶକ୍ତି ଓ ଜ୍ଞାନ ର ଅସୀମ ସମ୍ଭାବନାକୁ ସ୍ପଷ୍ଟ କରୁଛି ।ଗ୍ଲୋବ ଉପରେ ବସିଥିବା ଛାତ୍ରୀ ଦେଖାଉଛି ଯେ ଶିକ୍ଷା ଦ୍ୱାରା ସମଗ୍ର ପୃଥିବୀକୁ ଜିତିବା ସମ୍ଭବ ।ପୁସ୍ତକ ପଢୁଥିବା ଏହି ଛବି ଜ୍ଞାନାର୍ଜନ ର ପ୍ରତି ଆକର୍ଷଣ ଓ ନିରନ୍ତର ଅଭ୍ୟାସର ପ୍ରତୀକ ଅଟେ ।ଏହି ପ୍ରଚ୍ଛଦ ପୃଷ୍ଠା ର ଅଳଙ୍କରଣ ଦାୟିତ୍ୱ ନିର୍ବାହ କରିଥିଲେ ଅତିଥି ଅଧ୍ୟାପକ ଆଦର୍ଶ ମହାପାତ୍ର ଓ ସିଦ୍ଧାର୍ଥ ଦାଶ ।ସଂସ୍କୃତ ରେ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଛନ୍ତି ସଂସ୍କୃତ ବିଭାଗର ପ୍ରାଧ୍ୟାପକ ଡ଼ଃ.ସଦାଶିବ ମଲ୍ଲିକ ।ସମ୍ପାଦକୀୟ ବିବରଣୀ ପରେ ୨୦୨୫ ମସିହାର ମହାବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ର ରଙ୍ଗୀନ ଫୋଟୋ ଚିତ୍ର କୁ ନେଇ 'ବର୍ଷ ୨୦୨୫ ର କିଛି ଅଭୁଲା ସ୍ମୃତି'ଶୀର୍ଷକ ୨୫ଗୋଟି ରଙ୍ଗୀନ ଫୋଟୋ ଚିତ୍ର ସ୍ଥାନ ପାଇଛି ।ସୂଚୀପତ୍ର ର ସୂଚନା ଆଧାରରେ ଏହି ପତ୍ରିକାରେ ୭ଟି ଓଡ଼ିଆ ପ୍ରବନ୍ଧ,୫ଟି ଓଡ଼ିଆ ଗଳ୍ପ,୧୬ଟି ଓଡ଼ିଆ କବିତା,ହିନ୍ଦୀ ର ଗୋଟିଏ ପ୍ରେରଣା ଦାୟକ କାହାଣୀ ସହ ୫ଟି ହିନ୍ଦୀ କବିତା,୧୨ଟି ସଂସ୍କୃତ ପ୍ରବନ୍ଧ,୬ଟି ଇଂରାଜୀ ପ୍ରବନ୍ଧ ଓ ୫ଟି ଇଂରାଜୀ କବିତା ସ୍ଥାନ ପାଇଛି ।ତା' ପରେ 'ଅନନ୍ୟା' ଶୀର୍ଷକ ପତ୍ରିକା ର ମାଲିକାନା ତଥା ବୈଶିଷ୍ଟ୍ୟ ସମ୍ପର୍କୀୟ ବିବରଣୀ ପ୍ରଦାନ କରାଯାଇଛି ।ଏହା ସହ ବର୍ଷ ୨୦୨୪-୨୫ରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବିଭାଗର ରାଷ୍ଟ୍ରୀୟ ସଂଗୋଷ୍ଠୀ ର ରଙ୍ଗୀନ ଫୋଟୋ ଚିତ୍ର ସ୍ଥାନୀତ ହୋଇଛି ।ପତ୍ରିକାର ଅନ୍ତିମ ଫର୍ଦ୍ଦ ରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ର କ୍ୟାଡେଟ ମାନଙ୍କ ସହ ଉଠେଇଥିବା ଫୋଟୋ ମାଧ୍ୟମରେ ଶିକ୍ଷା ସହିତ ଆତ୍ମବିଶ୍ୱାସ,ଏକତା,ସେବା ଭାବ, ନେତୃତ୍ୱ ଗୁଣ ଓ ଦେଶଭକ୍ତି ର ଶିକ୍ଷା ଦିଆଯାଉଥିବା ଦର୍ଶାଯାଇଛି ।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଚମ୍ପୁଆ: ଚମ୍ପୁଆ ଥାନା ରିମୁଳି ଫାଣ୍ଡି ଅନ୍ତର୍ଗତ ୫୨୦ ନଂ ଜାତୀୟ ରାଜପଥ ଆଙ୍ଗୁଳିଆ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ମୃତ୍ୟୁ ବରଣ କରିଥିବା ଜଣା ପଡିଛି । ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୮ଟା ସମୟରେ ଆଙ୍ଗୁଳିଆ ଗ୍ରାମର ଚୈତନ୍ୟ ମହାନ୍ତ (୩୮) କୌଣସି କାମରେ ଗାଁ ଛକକୁ ଯାଇଥିଲେ । ତେବେ ସେ ଚାଲି ଚାଲି ଯାଉଥିବାବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା । ଗାଡି ଧକ୍କାରେ ଚୈତନ୍ୟ ଛିଟିକି ପଡିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସେ ମୃତ୍ୟୁବରଣ କରିଥିଲେ ।ପରେ ସ୍ଥାନୀୟ ଲୋକ ଘଟଣା ସମ୍ପର୍କରେ ଜାଣିପାରି ରିମୁଳି ଫାଣ୍ଡିକୁ ଖବର ଦେଇଥିଲେ । ଖବର ପାଇ ରିମୁଳି ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିଲେ । ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଜାରି ରଖିଥିବା ଜଣାଯାଇଛି ।

# ଶ୍ରୀଶ୍ରୀ ରାଧା ବେଣୁମାଧବ ସେବାଧାମରେ ଭାଗବତ ପାରାୟଣ ସପ୍ତାହ ଆରମ୍ଭ

ବାଲିଆପାଳ : (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଘୁଣ୍ଟିଆ ପଂଚାୟତ ଅନ୍ତର୍ଗତ ଧର୍ମଦ୍ୱାର ଗ୍ରାମର ଶ୍ରୀଶ୍ରୀ ରାଧା ବେଣୁମାଧବ ସେବା ଧାମର ବାର୍ଷିକ ଉତ୍ସବ ଅବସର ରେ ଗୁରୁବାର ଠାରୁ ସପ୍ତାହ ବ୍ୟାପୀ ଭାଗବତ ପାରାୟଣ , ହରି କଥା ଅମୃତ ପ୍ରବଚନ ଆରମ୍ଭ ହୋଇ ଯାଇଛି । ଏହି ଭାଗବତ ପାରାୟଣ କାର୍ଯକ୍ରମ ପ୍ରତିଦିନ ପୂର୍ବାହ୍ନ ଛଅ ଘଟିକାରୁ ଆରମ୍ଭ ହୋଇ ସଂଧ୍ୟା ଛଅ ଘଟିକା ଯାଏ ଚାଲିବ । ପରେ ସନ୍ଧ୍ୟା ଆଳତୀ ଓ ସାମୂହିକ ପ୍ରାର୍ଥନା ଶେଷ ହେବା ପରେ ଡ. ସ୍ୱାମୀ ଅଦ୍ୱୈତ୍ୟାନନ୍ଦ ମହାରାଜାଙ୍କ ଦ୍ୱାରା ହରି କଥା ଅମୃତ ପ୍ରବଚନ କାର୍ଯକ୍ରମ ଚଳିତ ମାସ ୨୨ ତାରିଖ ପର୍ଯ୍ୟନ୍ତ ହେବ । ଏବଂ ୨୩ ତାରିଖ ପୂର୍ବାହ୍ନ ୧୧ ଘଟିକା ଠାରୁ ନାମ ଯଜ୍ଞ ଆରମ୍ଭ ହୋଇ ୨୪ ତାରିଖ ପୂର୍ଣ୍ଣାହୂତି ପ୍ରଦାନ



ପରେ ଶ୍ରୀଶ୍ରୀ ରାଧା ବେଣୁମାଧବ ସେବାଧାମ ର ବାର୍ଷିକ ଉତ୍ସବ ସମାପନ ହେବ ବୋଲି ଶ୍ରୀଶ୍ରୀ ରାଧା ବେଣୁମାଧବ ସେବାଧାମର ପ୍ରତିଷ୍ଠାତା ପ୍ରଫେସର ବେଣୁଧର ନାୟକ କହିଛନ୍ତି । ଭଗବତ ପରାୟଣ ରେ ବ୍ରହ୍ମଚାରୀଣୀ ମୋତି ମାଣିକ ଦାସ, ଡମ୍ବରୁ ଧର ନାୟକ, ସୁକାନ୍ତି ନାୟକ, ଜୟନ୍ତୀ ନାୟକ, ସୁଜାତା ନାୟକ, ସବିତା ନାୟକ, ସୁମତି ନାୟକ,ଅରୁନ୍ଧତୀ ଗିରି , ଅପସରା ଦଳାଇ ଙ୍କ ସହିତ ମାଳତୀ ଦାସ ଭାଗବତ ପାଠନ ରେ ସହଯୋଗ କରିଥିବା ବେଳେ ଜୟନ୍ତୀ ଗିରି, ରେବତୀ ନାୟକ ସଞ୍ଜୁ ଲତା ଗିରି, କନକ ଲତା ରଣା, ଅମୁଲ୍ୟ ନାୟକ, ସୁବୋଧ ନାୟକ, ପଦ୍ମାବତୀ ଦାସ, ଗୀତା ରାଣୀ ରଣା, ବୀଣାପାଣି ନାୟକ, ବାସନ୍ତୀ ଗିରି, ବୃନ୍ଦାବତୀ ରଣା ବିଭିନ୍ନ କାର୍ଯକ୍ରମ ରେ ସହଯୋଗ କରିବା ସହିତ ନିଷ୍ଠର ସହିତ ଭଗବତ ଶ୍ରାବଣ କରିଥିଲେ ।

# ନୂଆପଡ଼ାରେ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ଶୋଭାଯାତ୍ରା ଆୟୋଜିତ

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଆଜି 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବିଷୟରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ଶୋଭାଯାତ୍ରା ଆଜି ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୁଦନ ଦାଶ ଏହି ଶୋଭାଯାତ୍ରାକୁ ମୁଖ୍ୟାଳୟ ପରିସରରୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାରେ ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀ , କମ୍ୟୁନିଟି ସପୋର୍ଟ ଷ୍ଟାଫ ଓ ଫେଡେରେସନ ସଦସ୍ୟମାନେ ଭାଗ ନେଇଥିଲେ । ପରେ ସଭାବନା ସଭାଗୃହ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା । ସଭାରେ ଜିଲ୍ଲାପାଳଙ୍କ ସହ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ କିଛି "ଲକ୍ଷପତି ଦିଦି" ତାଙ୍କ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ । ସେମାନେ କିପରି ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ଓ ସ୍ୱାବଲମ୍ବୀ ହୋଇ ସମାଜରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି, ତାହା ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ତାଙ୍କ ଉଦବୋଧନରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କେବଳ "ଲକ୍ଷପତି ଦିଦି" ନୁହେଁ, ବରଂ ଆଗାମୀ ଦିନରେ "ଶିଳ୍ପପତି" ଭାବେ ମଧ୍ୟ ଆତ୍ମପ୍ରକାଶ କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ସେ ମହିଳାମାନଙ୍କୁ ଋଣକୁ ପୁଞ୍ଜି କରି ଆଗକୁ ବଢ଼ି ସଶକ୍ତ ହେବା ସହ ସମାଜକୁ ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସେ କହିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ସଫଳତାକୁ ସେ ଜିଲ୍ଲା ପ୍ରଶାସନର ସଫଳତା ବୋଲି ବର୍ଣ୍ଣନା କରିଥିଲେ । ଶେଷରେ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାବୀର ସେବା ସଂଗଠନର ବାର୍ଷିକ ଉତ୍ସବ ଓ ବୃକ୍ଷ ରୋପଣ

ଭଦ୍ରକ : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ପଂଚାୟତରେ ମହାବୀର ଜୟନ୍ତୀ ପ୍ରତିବର୍ଷ ପରି ଚଳିତ ବର୍ଷ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । କର୍ତ୍ତା ଭାବେ ପ୍ରାକ୍ତନ ସମିତି ସଭ୍ୟ ନୃସିଂହ ଚରଣ ଖିଲାର, କନକ ଖିଲାର,ରବିନାରାୟଣ ଖିଲାର,ରେଣୁବାଳା ଖିଲାର ସଂକଳ୍ପ କରିଥିଲେ । ପୂଜକ ପଣ୍ଡିତ ନରନାରାୟଣ ମିଶ୍ର ଦିବସ ବ୍ୟାପୀ ପୂଜାର୍ଚ୍ଚନା କରିଥିଲେ । ସୂର୍ଯ୍ୟପୂଜା, ୧୦୮ ହନୁମାନ ଚାଳିଶା ପାଠ, ହୋମଯଜ୍ଞ ଆଦି କରାଯାଇଥିଲା । ଏହି ଅବସରରେ ମହାବୀର ସଂଗଠନ ପକ୍ଷରୁ ପ୍ରାତଃ ସମୟରେ ସଫେଇ ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ସନ୍ଧ୍ୟାରେ ସ୍ଥାନୀୟ ଜଗା ବଳିଆ ଭଜନ ଗ୍ରୁପ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା । ପୂଜାର୍ଚ୍ଚନାରେ ସମଗ୍ର ଅଂଚଳ ଆଧାତ୍ମିକ ଭାବ ସୃଷ୍ଟି ହୋଇଥିଲା । ସଂଗୀତ ନିର୍ଦ୍ଦେଶକ ଧରଣୀ ଧର ଦାସ ଓ ବିଶିଷ୍ଟ ତବଲା ବାଦକ ଜୟଦେବ ପରିଡା ,ସହଦେବ ଦାସ,ବାବୁ ଓଝା, କଣ୍ଠ ଶିଳ୍ପୀ ଶତ୍ରୁଘ୍ନ ଦାସ ପ୍ରମୁଖ ସଂଗୀତ ଗାନ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ରାଜେନ୍ଦ୍ର ଶତପଥି, ସମ୍ମାନୀତ ଅତିଥି ଭାବେ ଜଗନ୍ନାଥ ବଜାର ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି, ଇଂ ପ୍ରଦୀପ କିଶୋର ଖିଲାର,ଅଶୋକ ଯେନା, ବାସୁଦେବ ପରିଡା ପ୍ରମୁଖ ଯୋଗଦେଇ ଥିଲେ । ପଣ୍ଡିତ ନରନାରାୟଣ ମିଶ୍ର ରାମଚରିତ ମାନସ ଉପରେ ପ୍ରବଚନ ଦେଇଥିଲେ । ନୁହେଁ ଓଡ଼ିଶାରେ ମଧ ବାବା ସାହେବଙ୍କ ଆଦର୍ଶରେ ଡବଲଇଞ୍ଜିନ ସରକାର ଗରିବଙ୍କ ସରକାର ଭାବେ କାର୍ଯ୍ୟ କରୁଛି । ଏଠାରେ କରାଯାଇଥିବା ବଜେଟ ଗରିବ, ଦଳିତ ଓ ଆଦିବାସୀମାନଙ୍କ ବିକାଶର ବଜେଟ୍ । ବିଜେପି କେବଳ ଘୋଷଣା କରେ ନାହିଁ ତାହାକୁ ବାସ୍ତବରେ କାର୍ଯ୍ୟକାରୀ ମଧ କରେ । ଓଡ଼ିଶା ଡବଲଇଞ୍ଜିନ ସରକାର ଲୋକଙ୍କ ସରକାରର ମାନ୍ୟତା ପାଇଥିବା ବେଳେ ବାବା ସାହେବଙ୍କ ବାର୍ତା ଯେପରି ପ୍ରତି ଘରେ ପହଂଚିପାରିବ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ତାଙ୍କ ପଦାଙ୍କ ଅନୁସରଣ କରି ସାମାଜିକ ସଂହତି ରକ୍ଷା କରି ମଜ୍‌ଭୁତ ଓଡ଼ଶା ଗଢ଼ିବା ଆମ ସମସ୍ତଙ୍କ କର୍ତବ୍ୟ । ଏହାହିଁ ବାବାସାହେବଙ୍କ ପ୍ରତି ବିଜେପିର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ମାଝୀ କହିବା ସହ ଓଡିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳନ ଅବସରରେ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ରାଜ୍ୟ ସଭାପତି ତଥା ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି ଯେ, ଭାରତରେ ଯେତେବେଳେ ସାମାଜିକ ଅବ୍ୟବସ୍ଥା ବଢ଼ିଯାଇଥିଲା, ସେତେବେଳେ ଲମ୍ବା ସମୟ ଧରି ସଂଘର୍ଷ କରି ନିଜର ଅନୁଭବ ଓ ଅଭିଜ୍ଞତାକୁ ପାଥେୟ କରି ସମ୍ବିଧାନ ପ୍ରଣୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବାବାସାହେବ । ସ୍ୱାଧୀନ ଭାରତରେ ସମ୍ବିଧାନର ବ୍ୟବସ୍ଥା କରିବା ପାଇଁ ସେ ଦୃଢ଼ ସଂକଳ୍ପ ନେଇଥିଲେ । କଂଗ୍ରେସ ସମ୍ବିଧାନର ଦୁରୁପଯୋଗ ଏବଂ ଅସମ୍ମାନ କରିଥିବାବେଳେ ବିଜେପି ସମ୍ବିଧାନର ମର୍ଯ୍ୟାଦାକୁ ଅତୁଟ ରଖିଛି । କାରଣ ବ୍ୟକ୍ତି ବଡ ନୁହେଁ, ଦେଶ ବଡ଼, ସମ୍ବିଧାନ ବଡ଼ । ଏହାକୁ ବିଜେପି ପ୍ରମାଣିତ ମଧ କରିଛି । ଆମ ଗଣତନ୍ତ୍ର ଓ ସମ୍ବିଧାନ ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ କିପରି ହେବ ସେନେଇ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବ । ଏଥିସହ ଭାରତବର୍ଷ ତଥା ଓଡିଶାକୁ ସମୃଦ୍ଧ ଓ ବିକଶିତ କରି ଆମ୍ବେଦକରଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେବା ସହ ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ସଭାରେ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ସଭା ସଂଚାଳନ କରିଥିବାବେଳେ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିମ୍ବାଧର କୁଅଁର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଓଡ଼ିଶାର ମହାପୁରଷ ଏବଂ ବାବାସାହେବଙ୍କ ଫଟୋ ଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଉଦ୍ ?ଘାଟନ କରିବା ସହ ପଣା ସଂକ୍ରାନ୍ତି ଉପଲକ୍ଷେ ପଣା ବଂଟନ କରିଥିଲେ । ଏଥିସହ ବି.କେ. ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜର ଛାତ୍ର ଦ୍ୱାରା ଅଙ୍କାଯାଇଥିବା ଫଟୋଚିତ୍ର ବୁଲି ଦେଖିଥିଲେ

## ଅଗ୍ନିଶମ ବିଭାଗ ତରଫରୁ ସଚେତନତା ଶୋଭାଯାତ୍ରା

ଜୟପୁର : କୋରାପୁଟ ଜିଲ୍ଲା ଜୟପୁର ଅଗ୍ନିଶମ କେନ୍ଦ୍ର ତରଫରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏପ୍ରିଲ ୧୪ ତାରିଖ ଠାରୁ ୨୦ ତାରିଖ ଯାଏ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଅଗ୍ନି କାଣ୍ଡରୁ ଯେପରି ଲୋକେ ରକ୍ଷା ପାଇବେ ସେ ନେଇ ସଚେତନ କରାଯାଇଛି । ଜୟପୁର ଅଗ୍ନିଶମ କେନ୍ଦ୍ରରୁ ଏହି ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି । ଲୋକ ମାନେ ଯେପରି ଅଗ୍ନିକାଣ୍ଡରୁ ରକ୍ଷା ପାଇବେ ଏହାର ମୁଳ ଲକ୍ଷ୍ୟ । ପଚାର ପତ୍ର ସହ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଛି । ପ୍ରାରମ୍ଭିକ ଅବସ୍ଥାରେ ଅଗ୍ନିକାଣ୍ଡକୁ ଆୟତ କରି ଲୋକଙ୍କ ଅମୁଲ୍ୟ ଜୀବନ କିପରି ରକ୍ଷା କରିବା ସହ ପରିବେଶ କୁ ପରିସ୍ଥିତି କୁ ରକ୍ଷା କରିବେ । ସହକାରି ଅଗ୍ନିଶମ ଅଧିକାରି ସୁରେଶ କୁମାର ବାରିକଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି । ଅଗ୍ନି ନିବାପକ ଯନ୍ତ୍ର ବ୍ୟବହାର କରିବା, ମାଇପ ବ୍ୟବହାର କରିବା, ଭୁତଳ ଟାଙ୍କିରେ ଥିବା ପାଣି ବ୍ୟବହାର କରିବା, ଧୁଆଁ ବାହାରିଯିବା ପାଇଁ ଝରକା ଖେଲିବା, ନିଆଁକୁ ଅଟକାଇବା ପାଇଁ ଲାଗିଥିବା ସ୍ୱତନ୍ତ୍ର କବାଟ ବନ୍ଦ ରଖିବା, ବାହାରକୁ ଯିବା ଚିହ୍ନ ଅନୁସରଣ କରି ବାହାରି ଯିବା, ଗୁରୁତର ରୋଗୀ ଓ ଶିଶୁ ମାନଙ୍କୁ ସାହାଯ୍ୟ କରିବା, ବାହାରକୁ ବାହାରି ପୁବ ନିଦ୍ଧାରିତ ଜାଗାରେ ଏକାଠି ହେବା, ୧୧୨ ଅଗ୍ନିଶମ କେନ୍ଦ୍ରକୁ କଲ କରିବା ଆଦି ଉପରେ ସଚେତନ କରାଯାଇଛି ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ : ମୁଗ, ବିରି ଓ ଚିନାବାଦାମର ଦର ଧାର୍ଯ୍ୟ

ମାଲକାନଗିରି : ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍ ରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲାରେ ଉତ୍ପାଦିତ ହେଉଥିବା ମୁଗ, ବିରି ଓ ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯିବା ସହ ଶସ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା ହୋଇଛି । ଏହି ବୈଠକରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, ସମବାୟ ସମିତି ସମୂହର ଉପ-ନିବନ୍ଧକ ଥିଓଫିଲ ଶବର, ମାର୍କଫେଡ୍ର ଆଂଚଳିକ ପରିଚାଳକ ଚନ୍ଦ୍ର ସେଠିଆ, ଆରଏମସି ସମ୍ପାଦକ ସଞ୍ଜୟ କୁମାର ଦାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଏବଂ ସମସ୍ତ ବ୍ଲକ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇ ଥିଲେ । ସେ କହିଥିଲେ ଯେ, କୌଣସି ପ୍ରକୃତ ଚାଷୀ ଯେପରି ଶସ୍ୟ ବିକ୍ରୟରୁ ବଂଚିତ ନ ହୁଅନ୍ତି ଏବଂ ମଣ୍ଡିରେ ସେମାନଙ୍କ ପାଇଁ ପାନୀୟ ଜଳ ଓ ବିଶ୍ରାମାଗାର ଭଳି ସମସ୍ତ ମୌଳିକ ସୁବିଧା ଉପଲବ୍ଧ ହୁଏ, ତାହା ପ୍ରଶାସନ ପକ୍ଷରୁ ନିଶ୍ଚିତ କରାଯିବ । ସେହିପରି ସମବାୟ ଅଧିକାରୀଙ୍କୁ ସମବାୟ ସମିତି ଜରିଆରେ ହେଉଥିବା ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ସହ ମଧ୍ୟସ୍ଥିମାନଙ୍କ ପ୍ରାଦୁର୍ଭାବ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଚାଷୀଙ୍କୁ ମଣ୍ଡି ତାରିଖ ଓ ସରକାରୀ ଦର ସମ୍ପର୍କରେ ସଚେତନ କରିବାକୁ ଏବଂ ଫସଲର ଗୁଣବତା ଯାଂଚ୍ କରିବାକୁ ଦାୟିତ୍ୱ ଦିଆଯାଇଛି । ସାମଗ୍ରିକ ଭାବେ ଏହି ବୈଠକରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମୂଲ୍ୟରେ ଯେପରି ସୁବିଧାରେ ଚାଷୀମାନେ ନିଜର ଶସ୍ୟ ବିକ୍ରି କରିପାରିବେ, ସେଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।

## ଧାମନଗରର ବିଭିନ୍ନ ସ୍ଥାନରେ ଜଳଛତ୍ର ବଂଟନ

ଭଦ୍ରକ : ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଏବଂ ଓଡିଆ ନବବର୍ଷ ଅବସରରେ ସମଗ୍ର ଧାମନଗର ଅଂଚଳ ଉତ୍ସବ ମୁଖର ହୋଇଉଠୀଛି । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ,ସଂଗଠନ ଓ ରାଜନୈତିକ ଦଳ ତରଫରୁ ଦେବାଦେବୀଙ୍କ ପୀଠରେ ପୂଜା, ହୋମ, ଯଜ୍ଞାଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ବିଶେଷକରି ହନୁମାନ ମନ୍ଦିର ମାନଙ୍କରେ ପ୍ରଭୁ ଶ୍ରୀ ହନୁମାନଙ୍କ ପୂଜାର୍ଚ୍ଚନା କରାଯିବା ସହିତ ପବିତ୍ର ହନୁମାନ ଚାଳିଶା ପାଠ କରାଯାଇଥିଲା । ପଣା ସଂକ୍ରାନ୍ତି ଅବସରରେ ଓଡିଆଙ୍କ ଘରେ ଘରେ ବେଲପଣାର ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତ ଦେବାଦେବୀ ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପଂକ୍ତିଭୋଜନର ଆୟୋଜନ କରାଯାଇଥିଲା । ସେହିପରି ଧାମନଗର ସହରାଂଚଳରେ ବୈଶାଖ ମାସର ପ୍ରଥମ ଦିନ ଓ ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ କାଉଡ଼ିଆ ସେବାସଂଘ୍ ଧାମନଗର ତରଫରୁ ପଥଚାରୀ ମାନଙ୍କୁ ବେଲପଣା,ଥଣ୍ଡାପାଣି ଓ ସରବତ ବଂଟନ କରାଯାଇଛି । ଏଥିରେ ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ,ମନୋଜ ସିଂହ,ବିଜେପି ନେତା ପ୍ରହଲ୍ଲାଦ ମହାପାତ୍ର,ସଞ୍ଜୟ କୁମାର ସ୍ୱାଇଁ ବଳରାମ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଧାମନଗର ବ୍ଲକର ବିଭିନ୍ନ ପଂଚାୟତସ୍ତରରେ ସରପଂଚଙ୍କ ତତ୍ତ୍ୱାବଧାନରେ ଜଳଛତ୍ର ବଂଟନ ବ୍ୟବସ୍ଥା କରାଯାଇଥିବା ବେଳେ ଏନ ଏ ସି ତରଫରୁ ମଧ ପଥଚାରି ମାନଙ୍କୁ ଜଳଛତ୍ର ବଂଟନ କରାଯାଉଛି ବୋଲି ସୂଚନା ମିଳିଛି ।

# ନୂଆପଡ଼ାରେ ସିଏମ ଟ୍ରଫି ଜିଲ୍ଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ଉଦଘାଟିତ

ନୂଆପଡ଼ା : ନୂଆପଡ଼ାରେ ସିଏମ ଟ୍ରଫି ଅନ୍ତର୍ଗତ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଖୋ-ଖୋ ପ୍ରତିଯୋଗିତା ଆଜି ମହାସମାରୋହରେ ଉଦ୍ଘାଟିତ ହୋଇଛି । ସକାଳ ୯ ଟାରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋ-ଖୋ ପ୍ରାଙ୍ଗଣରେ ପ୍ରତିଯୋଗିତାର ଆରମ୍ଭ ହୋଇଥିଲା । ବାଳକ ବିଭାଗରେ ୧୦ ଗୋଟି ଓ ବାଳିକା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳ ମଧୁସୂଦନ ଦାସ ଆନୁଷ୍ଠାନିକ ଭାବେ ଏହି ପ୍ରତିଯୋଗିତାର ଉଦ୍ଘାଟନ କରିଥିଲେ । "ପ୍ରତିଭା ଅନେକ, ଲକ୍ଷ୍ୟ ଏକ—ପଡ଼ିଆରୁ ପୋଡିଅମ" ସ୍ଲୋଗାନକୁ ପଥେୟ କରି ଆୟୋଜିତ ଏହି ପ୍ରତିଯୋଗିତା ରାଜ୍ୟର କ୍ରୀଡା ପ୍ରତିଭାକୁ ଆଗକୁ ଆଣିବାରେ ସହାୟକ ହେବ ବୋଲି ସେ କହିଥିଲେ । ନୂଆପଡ଼ା ଜିଲ୍ଲାର କ୍ରୀଡା ପରମ୍ପରା ଉଲ୍ଲେଖନୀୟ ଥିବା ସହ, ଏଠାରୁ ଅନେକ ଖେଳାଳୀ ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲାକୁ ଗୌରବାନ୍ୱିତ କରୁଛନ୍ତି । ବିଗତ ବର୍ଷ ରୂପେନ୍ଦ୍ର ରାଉତ ଓଡ଼ିଶା କବାଡି ଦଳର ଦଳପତି ଭାବେ ଜାତୀୟ ସ୍ତରରେ ଖେଳିଥିବା ଉଦାହରଣ ଦେଇ ସେ ଯୁବ ଖେଳାଳୀମାନଙ୍କୁ ପ୍ରେରିତ କରିଥିଲେ । ଏହି ପ୍ରତିଯୋଗିତାରୁ ମଧ୍ୟ ନୂତନ ପ୍ରତିଭା ଉଦ୍ଭବିତ ହୋଇ ରାଜ୍ୟ ଓ ଜାତୀୟ ସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଫୁଟବଲ ସଂଘର ସମ୍ପାଦକ ସରୋଜ କୁମାର ସାହୁ ଯୋଗଦେଇ ଜିଲ୍ଲାରେ କ୍ରୀଡା କ୍ଷେତ୍ରରେ ହେଉଥିବା ଉନ୍ନତି ଓ ଖେଳାଳୀମାନଙ୍କ ପାରଦର୍ଶିତା ବିଷୟରେ ଆଲୋଚନା କରିଥିଲେ । ରାଜ୍ୟ ସ୍ତରକୁ ଚୟନ ହେଉଥିବା ଖେଳାଳୀମାନଙ୍କୁ ସେ ପ୍ରଶଂସା କରିଥିଲେ । ଆଜି ବାଳକ ବିଭାଗରେ ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ବାଳିକା ବିଭାଗରେ ସଂଘର୍ଷପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥିଲା । ଆସନ୍ତାକାଲି ବାଳିକା ବିଭାଗରେ ନେଶନାଲ ଉଚ୍ଚ ବିଦ୍ୟାଳୟ, ନୂଆପଡ଼ା ଓ ବାଞ୍ଜିବାହାଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ । ବାଳକ ବିଭାଗରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଆସନ୍ତାକାଲି ଅନୁଷ୍ଠିତ ହେବ । ଅଭିଜ୍ଞ ଖେଳ ଶିକ୍ଷକ ଓ ରେଫେରୀମାନଙ୍କ ଦ୍ୱାରା ସମସ୍ତ ମ୍ୟାଚ ପରିଚାଳନା କରାଯାଇଥିଲା । ଉଭୟ ବିଭାଗରୁ ଶ୍ରେଷ୍ଠ ଖେଳାଳୀ ମାନଙ୍କୁ ଚୟନ କରି ଜିଲ୍ଲା ଦଳ ଗଠନ କରାଯିବ ଏବଂ ସେମାନେ ଆଗାମୀ ଦିନରେ ଜୋନାଲ ସ୍ତରରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ସୂଚନା ଦେଇଛନ୍ତି ।

## ଓଏଭି ଚଂଚରାପଡା ଜୟପାଟଣାର ଛାତ୍ର ସକ୍ଷମ ଯୋଶୀ ଓଏଭି ଜିଲ୍ଲା ଟପ୍ପର

ମୁଖୀଗୁଡା: - ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଓଡିଶା ଆଦର୍ଶ ବିଦ୍ୟାଳୟ ଚଂଚରା ପଡା ଜୟପାଟଣାର ଛାତ୍ର ସକ୍ଷମ ଯୋଶୀ ୯୭.୮ %ମାର୍କ ରଖି କଳାହାଣ୍ଡି ଜିଲ୍ଲା ଓଏଭି ଟପ୍ପର ହୋଇଛନ୍ତି । ଆଦର୍ଶ ବିଦ୍ୟାଳୟ ଚଂଚରା ପଡା ଜୟପାଟଣାର ୬୫ଜଣ ମଧ୍ୟାରୁ ୬୩ଜଣ ପାସ କରିଛନ୍ତି । ୬ ଜଣ ଛାତ୍ର ଛାତ୍ରୀ ୯୦ %ରୁ ଉର୍ଦ୍ଧ ମାର୍କ ରଖିଥିବା ବେଳେ ୧୯ଜଣ ଛାତ୍ରଛାତ୍ରୀ ୮୦ %ରୁ ଉର୍ଦ୍ଧ ମାର୍କ ରଖୁ ଛନ୍ତି । ୟଥାର୍ଥ ମୁଣ୍ଡ ୯୫.୬ %,ଝାନସୀ ଅଗ୍ରୱାଲ ୯୪.୮ %,ପ୍ରତ୍ୟାଶା ଖମାରି ୯୩.୮ %,କରିଷ୍ମା । ଭାଟି ୯୩.୬ %,ନନ୍ଦିନୀ ଝାଙ୍କର ୯୦.୬ % ମାର୍କ ରଖିଛନ୍ତି ।

# ଜୟପୁର ଚେମ୍ବର ଅଫ୍ କମର୍ସର ନୂତନ କାର୍ଯ୍ୟକାରୀ କମିଟି ଗଠନ, ସଞ୍ଜୟ ଜୈନ ସଭାପତି

ଜୟପୁର : ଜୟପୁର ଚେମ୍ବର ଅଫ୍ କମର୍ସର କାର୍ଯ୍ୟକର୍ତା ଚୟନ କମିଟି ବୈଠକ ବେଦିକା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇ ନୂତନ କାର୍ଯ୍ୟକାରୀ କମିଟି ଗଠନ ହୋଇଛି । ଚଳିତ ବର୍ଷ ୧୨ ଏପ୍ରିଲରେ ଅନୁଷ୍ଠିତ ନିର୍ବାଚନରେ ୨୧ ଜଣ ନିର୍ଦ୍ଦେଶକ ବିଜୟୀ ହୋଇଥିଲେ । ଏମାନଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପ୍ରାପ୍ତ ଜୟପୁରର ପ୍ରତିଷ୍ଠିତ ବ୍ୟବସାୟୀ ସଞ୍ଜୟ କୁମାର ଜୈନଙ୍କୁ ୧୪ ଏପ୍ରିଲ ଦିନ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ନିଯୁକ୍ତ କରାଗଲା ।ତା'ପରେ ଅନ୍ୟ ପଦବୀ ଚୟନ ପ୍ରକ୍ରିୟାରେ ଉପସଭାପତି ଭାବେ ଶତିସ ପାତ୍ର ଓ କେ. ଦିଲ୍ଲିପ ରେଡ୍ଡୀ, ସାଧାରଣ ସଂପାଦକ ଭାବେ ବି.ଶତିସ କୁମାର, କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ଜୈନ (ବମ୍ବେ ଷ୍ଟୋର୍) ଏବଂ ସହ-ସଂପାଦକ ଭାବେ ଲୋକନାଥ ପାତ୍ର ଓ ଅଙ୍କୁର ସୋନି ନିଯୁକ୍ତ ହୋଇଛନ୍ତି । ନିର୍ଦ୍ଦେଶକ ମଣ୍ଡଳୀରେ ଏ. ଶ୍ରୀନିବାସ ରାଓ, ବରୁଣ ଜୈନ, ବିଭୁଦତ ପାଢ଼ୀ, ସି.ଏଚ୍. କିଶୋର କୁମାର, ସି.ଏଚ୍. ଚନ୍ଦ୍ରେଶ ରାଠୋର୍, ଡି. ମାଧବ, ଦୀନେଶ ଶଙ୍କୁରି, ଗାମ୍ଭେଲି ବସନ୍ତ ରାଓ, ଜି. ରାମ କ୍ରୀଷ୍ଣା, କେଲା ଇଶ୍ୱର ରାଓ, ମନୋଜ କୁମାର ଶାହା, ନିମାନୀ ଚୈତନ୍ୟା, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଓ ଭି. ପ୍ରଭାକର ମନୋନୀତ ହୋଇଛନ୍ତି । ନୂତନ ସଭାପତି ଶ୍ରୀ ଜୈନ ଜଣାଇଛନ୍ତି ଯେ ବର୍ତମାନ ଚେମ୍ବରର ୮୪୦ ଜଣ ସଦସ୍ୟ ରହିଛନ୍ତି । ଆଗାମୀ ଦିନରେ ଛୋଟ-ବଡ଼ ସମସ୍ତ ବ୍ୟବସାୟୀଙ୍କୁ ସଂଗଠନ ଅନ୍ତର୍ଭୁକ୍ତ କରି ସଦସ୍ୟ ସଂଖ୍ୟା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ଆଗାମୀ ଦିନରେ ଉପଦେଷ୍ଟାଙ୍କ ନାମ ଘୋଷଣା କରାଯିବ ବୋଲି ଜଣାପଡ଼ିଛି ।

# ନୂତନ ଭାରତର ଏମଏସଏମଇ ବିପ୍ଳବର କେନ୍ଦ୍ରରେ ନାରୀ ଶକ୍ତି

୨୦୨୩ ମସିହା ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ନିମନ୍ତେ ସଂସଦରେ ଠିଆ ହୋଇଥିଲେ, ଏହା ପଛରେ ଅଭିପ୍ରାୟଟି ଥିଲା ଲୋକସଭା ଏବଂ ରାଜ୍ୟ ବିଧାନସଭା ମାନଙ୍କରେ ମହିଳାମାନଙ୍କ ନିମନ୍ତେ ଏକ ତୃତୀୟାଂଶ ଆସନ ସଂରକ୍ଷିତ ରଖିବା । ଏହି ପରିପ୍ରେକ୍ଷୀରେ ସେ ନିଜର ମତ ପୋଷଣ କରି କହିଥିଲେ ଯେ ଦେଶର ମହିଳାମାନଙ୍କ ଅଭିବୃଦ୍ଧି ନ ଘଟିବା ପର୍ଯ୍ୟନ୍ତ ଦେଶର ସାମଗ୍ରିକ ପ୍ରଗତି ଅସମ୍ଭବ । ଭାରତ ସରକାରଙ୍କ ଅଧୀନରେ ପରିଚାଳିତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) କ୍ଷେତ୍ରରେ ପ୍ରତି ଦିନ ଏହି ଆଭିମୁଖ୍ୟ ପ୍ରତିଫଳିତ ହେଉଛି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) କ୍ଷେତ୍ରକୁ ଅଧିକାଂଶ ସମୟରେ ଦେଶର ଅର୍ଥନୀତିର ମେରୁଦଣ୍ଡ ବୋଲି ବିବେଚନା କରାଯାଇଥାଏ । କିନ୍ତୁ ଆମେ ଯଦି ଏହାକୁ ସୂକ୍ଷ୍ମ ଭାବରେ ନିରୀକ୍ଷଣ କରିବା, ତେବେ ଜାଣିପାରିବା ଯେ ଏହାର ସଫଳତା ପଛରେ ରହିଛି ମହିଳା ଉଦ୍ୟୋଗୀଙ୍କ ନିରବ ଶକ୍ତି ଏବଂ ଆଜି ସେହି ନିରବ ଶକ୍ତି ପରିଶେଷରେ ଜାତୀୟ ସ୍ୱୀକୃତି ଲାଭ କରିବାକୁ ଯାଉଛି, ଆନୁଷ୍ଠାନିକ ସ୍ୱୀକୃତି ଏବଂ ନୀତିଗତ ସାମର୍ଥ୍ୟ ହାସଲ କରିବାକୁ ଯାଉଛି ଯାହା ଏହାର ପ୍ରାପ୍ୟ । ସଂଖ୍ୟା କହେ କାହାଣୀ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣର ମାତ୍ରାରେ ନିରବଚ୍ଛିନ୍ନ ଭାବରେ ପରିବର୍ତ୍ତନ ଘଟିଚାଲିଛି ଏବଂ ଏହା ସମ୍ପ୍ରସାରିତ ହୋଇଚାଲିଛି । ୨୦୨୬ ମସିହା ପ୍ରାରମ୍ଭ ପର୍ଯ୍ୟନ୍ତ, ପ୍ରାୟ ୩.୧୧ କୋଟି ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଉଦ୍ୟମ ପଞ୍ଜୀକରଣ ପୋର୍ଟାଲ ଏବଂ ଉଦ୍ୟମ ସହାୟତା ପୋର୍ଟାଲରେ ପଞ୍ଜିକୃତ ହୋଇଥିବାର ସୂଚନା ମିଳେ । ଦେଶର ମୋଟ ପଞ୍ଜିକୃତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଉଦ୍ୟୋଗ ମହିଳାମାନଙ୍କ ନେତୃତ୍ୱରେ ପରିଚାଳିତ ଏବଂ ସେମାନେ କର୍ମନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି । ମହିଳା ଉଦ୍ୟୋଗୀ ମାନଙ୍କ ପାଇଁ କରାଯାଇଥିବା ସବୁଠାରୁ ପ୍ରଭାବୀ ସଂସ୍କାର ମଧ୍ୟରୁ ଗୋଟିଏ ହେଉଛି ପଞ୍ଜୀକରଣ ପ୍ରକ୍ରିୟାର ସରଳୀକରଣ, ଯାହା ଉଦ୍ୟମ ପଞ୍ଜୀକରଣ ପୋର୍ଟାଲ ମାଧ୍ୟମରେ ସଂପାଦନ କରାଯାଉଛି । ଏହା ସମ୍ପୂର୍ଣ୍ଣ ଭାବରେ ଅନଲାଇନ, କାଗଜହୀନ ଏବଂ ସ୍ୱ-ପ୍ରମାଣ ଆଧାରିତ ଏକ ପ୍ରକ୍ରିୟା । ଏହା ଫଳରେ ଏହି କ୍ଷେତ୍ରରେ ଥିବା ସକଳ ପ୍ରକାର ଅମଲାତାନ୍ତ୍ରିକ ପ୍ରତିବନ୍ଧକକୁ ଦୂର କରାଯାଇଛି ଏବଂ ଫଳରେ ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ଅସନ୍ତୁଳିତ ଅସୁବିଧାଗୁଡ଼ିକୁ ଦୂର କରାଯାଇ ପାରିଛି । ଉଦ୍ୟମ ସହାୟକ ପ୍ଲାଟଫର୍ମ ଯାହାକି ୨୦୨୩ ମସିହା ଜାନୁଆରୀ ମାସରେ ଶୁଭାରମ୍ଭ କରାଯାଇ ଥିଲା, ଏହା ମହିଳାମାନଙ୍କୁ ଅଣ ଆନୁଷ୍ଠାନିକ ଅର୍ଥନୀତି ପର୍ଯ୍ୟନ୍ତ ପହଁଚିବାରେ ଅଧିକ ସହାୟକ ହୋଇଛି । ଯେଉଁମାନଙ୍କ ନିକଟରେ ପାନ କାର୍ଡ ଏବଂ ଜି.ଏସ.ଟି.ଏନ ନଥିଲା ସେମାନଙ୍କୁ ମଧ୍ୟ ଅଗ୍ରାଧିକାର କ୍ଷେତ୍ରର ଋଣଯୋଗାଣ ଏବଂ ସରକାରୀ ଯୋଜନାର ସକଳ ପ୍ରକାର ସୁବିଧା ସୁଯୋଗମାନ ଯୋଗାଇ ଦିଆଯାଉଛି । ଦେଶର ଆର୍ଥିକ ଅଭିବୃଦ୍ଧିର ବାହକ ଭାବରେ ଆର୍ଥିକ କାର୍ଯ୍ୟସୂଚୀର କେନ୍ଦ୍ରବିନ୍ଦୁରେ ମହିଳାମାନଙ୍କୁ ଅବସ୍ଥାପିତ କରିବା ନିମନ୍ତେ ସରକାର ଗ୍ରହଣ କରିଥିବା ପଦକ୍ଷେପର ଏହା ହେଉଛି ପ୍ରତ୍ୟକ୍ଷ ଫଳଶ୍ରୁତି । ନାରୀ ଶକ୍ତି- ଆର୍ଥିକ ସାମର୍ଥ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିରବଚ୍ଛିନ୍ନ ଭାବରେ ଏହା ଉପରେ ଗୁରୁତ୍ୱାରୋପ କରି ଆସିଛନ୍ତି ଯେ ମହିଳାମାନଙ୍କୁ ସଶକ୍ତ କରିବା କେବଳ ଏକ ସାମାଜିକ ଦାୟିତ୍ୱ ନୁହେଁ, ବରଂ ଜାତୀୟ ରଣନୀତି । ତାଙ୍କ ନିଜ ଭାଷାରେ, ମହିଳାମାନେ ଯେତେବେଳେ ସଶକ୍ତ ହେବେ, ପରିବାର ମଧ୍ୟ ମଜଭୁତ ହେବ ଏବଂ ଯେତେବେଳେ ପରିବାର ମଜଭୁତ ହେବ, ସେତେବେଳେ ରାଷ୍ଟ୍ର ପ୍ରଗତି ପଥରେ ଗୋଟିଏ ପରେ ଗୋଟିଏ ପାହୁଣ୍ଡ ଆଗକୁ ବଢ଼ିବାରେ ଲାଗିବ । ରାଜନୈତିକ କ୍ଷେତ୍ରରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଏହି ଦର୍ଶନ ଏବଂ ଆଭିମୁଖ୍ୟର ଦୃଶ୍ୟମାନ ପ୍ରତିଫଳନ । କିନ୍ତୁ ଆର୍ଥିକ କ୍ଷେତ୍ରରେ ବିଶେଷ କରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) କ୍ଷେତ୍ରରେ ସରକାର ମହିଳାମାନଙ୍କ ନିମନ୍ତେ ଏହି ପ୍ରତିବଦ୍ଧତାକୁ ବ୍ୟାପକ ମାତ୍ରାରେ ପ୍ରବର୍ତ୍ତନ କରିବା ସକାଶେ ସଂକଳ୍ପବଦ୍ଧ । ଏଥି ନିମନ୍ତେ ସରକାର ବିବିଧ ପର୍ଯ୍ୟାୟର ନୀତିଗତ ଢାଂଚା ପ୍ରବର୍ତ୍ତନ କରିଛନ୍ତି ଏବଂ ତାହା ଋଣ, କୌଶଳ, ବଜାର ପ୍ରବେଶ, ସ୍ୱୀକୃତି ଏବଂ ମର୍ଯ୍ୟାଦାକୁ ପ୍ରଭାବିତ କରେ । ମହିଳାମାନଙ୍କ ନିମନ୍ତେ ଏକ ନୀତିଗତ ସୌଧ ନିର୍ମାଣ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ମନ୍ତ୍ରଣାଳୟ ବ୍ୟବସ୍ଥିତ ଭାବେ ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ପ୍ରତିଟି ପ୍ରମୁଖ କାର୍ଯ୍ୟକ୍ରମ ଏବଂ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହିସବୁ ଯୋଜନା ଏବଂ କାର୍ଯ୍ୟକ୍ରମମାନ ସାମୂହିକ ଭାବେ ଉଦ୍ୟୋଗୀମାନଙ୍କୁ ପ୍ରମୁଖ ହସ୍ତକ୍ଷେପଗୁଡ଼ିକ ମାଧ୍ୟମରେ ସମର୍ଥନ ଯୋଗାଇ ଆସୁଛି । ଯୋଗାଣ ଦୃଷ୍ଟିରୁ ସେଥିରେ: ପ୍ରଯୁକ୍ତି ପହଂଚ, ଋଣ ଓ ଅନ୍ୟାନ୍ୟ ଆର୍ଥିକ ସହାୟତା ହାସଲ, ଡିଜିଟାଇଜେସନକୁ ପ୍ରୋତ୍ସାହନ, ସଂସାଧନ ଜନିତ ସମର୍ଥନ, ଆନୁଷ୍ଠାନିକରଣ ଏବଂ ସମାଯୋଜନ, ବଜାର ପ୍ରବେଶ ଏବଂ ଶିଳ୍ପ ଶ୍ରେଣୀୟ କୌଶଳ ବିକାଶ ଆଦି ସାମିଲ । ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ପି.ଏମ.ଇ.ଜି.ପି.) ଅଧୀନରେ ବିଗତ ପାଂଚ ବର୍ଷ ମଧ୍ୟରେ ପ୍ରାୟ ୩.୨ ଲକ୍ଷ ମହିଳା ନେତୃତ୍ୱାଧୀନ ଉଦ୍ୟୋଗୀକୁ ସମର୍ଥନ ଯୋଗାଇ ଦିଆଯାଇଛି । ସଦ୍ୟତମ ଡାଟା ଯାହା ସୂଚନା ଦିଏ, ପି.ଏମ.ଇ.ଜି.ପି.ର ମୋଟ ହିତାଧିକାରମାନଙ୍କ ମଧ୍ୟରୁ ୩୯ ପ୍ରତିଶତ ହେଉଛନ୍ତି ମହିଳା, ଯାହାକି ଏହି ଯୋଜନାର ଢାଂଚା ଏବଂ ମହିଳାମାନଙ୍କ ନେତୃତ୍ୱ ନେବାର ଆକାଂକ୍ଷାର ପ୍ରମାଣ ପ୍ରଦାନ କରେ । ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗୀ ଋଣ ଗ୍ୟାରେଣ୍ଟି ପାଣ୍ଠି ଟ୍ରଷ୍ଟ (ସି.ଜି.ଟି.ଏମ.ଏସ.ଇ.) ମହିଳା ଋଣଗ୍ରହୀତାମାନଙ୍କୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ସମ୍ବର୍ଦ୍ଧିତ ଗ୍ୟାରେଂଟି ପ୍ରଦାନ କରିଥାଏ ଯାହା ଫଳରେ ବ୍ୟାଙ୍କମାନେ କୌଣସି ବନ୍ଧକ ବିନା ଋଣ ଯୋଗାଇ ଦେବାକୁ ଅଧିକ ଆଗ୍ରହ ପ୍ରକଟ କରିଥାଆନ୍ତି । ଅଧିକନ୍ତୁ, ସରକାରୀ ସଂଗ୍ରହ ନୀତିରେ ଘଟାଯାଇଥିବା ସଂଶୋଧନ କେନ୍ଦ୍ର ସରକାରୀ ମନ୍ତ୍ରଣାଳୟ, ବିଭାଗ ଏବଂ ସରକାରୀ କ୍ଷେତ୍ରର ଉଦ୍ୟୋଗମାନଙ୍କୁ ସେମାନଙ୍କର ବାର୍ଷିକ କ୍ରୟ ପରିମାଣର ଅନ୍ୟୂନ ୩ ପ୍ରତିଶତ ସାମଗ୍ରୀ ମହିଳା ନେତୃତ୍ୱାଧୀନ ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗମାନଙ୍କଠାରୁ କ୍ରୟ କରିବା ସକାଶେ ବାଧ୍ୟତାମୂଳକ କରିଛି । ଏହା ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ଏକ ଗ୍ୟାରେଂଟି ଯୁକ୍ତ, ଆକଳନକ୍ଷମ ବଜାର ସୁଯୋଗ ସୃଷ୍ଟି କରିଛି ଯାହା ଫଳରେ ସରକାରୀ ବ୍ୟୟକୁ ମହିଳାମାନଙ୍କ ବ୍ୟବସାୟ ଅଭିବୃଦ୍ଧି ସହିତ ସଂଯୋଗ କରାଯାଇଛି । ଏହା ଏକ ଉତ୍ସାହଜନକ ଘଟଣା ଯେ ୨୦୨୫-୨୬ ଆର୍ଥିକ ବର୍ଷରେ, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ/ ବିଭାଗ/କେନ୍ଦ୍ର ସରକାରଙ୍କ ଉଦ୍ୟୋଗମାନଙ୍କ ଦ୍ୱାରା ୩.୫ ପ୍ରତିଶତ ସାମଗ୍ରୀ ମହିଳା ଏମ.ଏସ.ଏମ.ଇ. ମାନଙ୍କ ଠାରୁ କ୍ରୟ କରାଯାଇଛି । 'ଜେଡ'(ଜିରୋ ଡିଫେକ୍ଟ ଜିରୋ ଇଫେକ୍ଟ) ପ୍ରମାଣପତ୍ର ଯୋଜନା ଅନ୍ତର୍ଗତ, ମହିଳା ମାଲିକାନାରେ ଥିବା ଏମଏସଏମଇ ଗୁଡ଼ିକୁ ପ୍ରମାଣପତ୍ର ପାଇଁ ଲାଗୁଥିବା ଖର୍ଚ୍ଚ ଉପରେ ୧୦୦ ପ୍ରତିଶତ ସବସିଡି ପ୍ରଦାନ କରାଯାଉଛି । ଏହି ସମସ୍ତ ବିବରଣୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ସେହି ମନ୍ତ୍ରଣାଳୟର ପ୍ରଚେଷ୍ଟାକୁ ଦର୍ଶାଉଛି, ଯିଏ ମହିଳାମାନେ କେଉଁଠାରେ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ଗଭୀର ଭାବେ ଚିନ୍ତା କରିଛନ୍ତି ଏବଂ ଠିକ୍ ସେହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଲକ୍ଷ୍ୟଭିତ୍ତିକ ସହାୟତା ପ୍ରଦାନ କରିଛନ୍ତି । ମହିଳା କୋଇର ଯୋଜନା କୋଇର କ୍ଷେତ୍ରରେ ମହିଳା କାରିଗରମାନଙ୍କୁ ବିଶେଷ ଦକ୍ଷତା ବିକାଶ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ଏମ.ଏସ.ଏମ.ଇ.- ଟିମ୍ (ଟ୍ରେଡ୍ ଏନେବଲମେସଟ ଆଣ୍ଡ ମାର୍କେଟିଂ) ମାଧ୍ୟମରେ ମହିଳାମାନଙ୍କୁ ବଜାର ପ୍ରସ୍ତୁତି ପାଇଁ ସହାୟତା ପ୍ରଦାନ ଉପରେ ବିଶେଷ ଧ୍ୟାନ ଦିଆଯାଉଛି, ଯେଉଁଥିରେ ଏହାର ୫ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୫୦% ମହିଳାଙ୍କୁ ଲକ୍ଷ୍ୟ ରଖାଯାଇଛି । ଯଶସ୍ୱିନୀ ଅଭିଯାନ ମହିଳାମାନଙ୍କୁ ଏମ.ଏସ.ଏମ.ଇ. ଯୋଜନା ଏବଂ ପଞ୍ଜୀକରଣର ଲାଭ ବିଷୟରେ ଅବଗତ କରାଇବା ପାଇଁ ଦେଶବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରୁଛି । କେବଳ ମହିଳା ଉଦ୍ୟୋଗୀ ମାନଙ୍କ ପାଇଁ ଆୟୋଜିତ ବିଶେଷ ଏମ.ଏସ.ଏମ.ଇ. ଆଇଡିଆ ହାକାଥନ୍ ୩.୦ ଅନ୍ତର୍ଗତ ୧୮,୮୮୮ ରୁ ଅଧିକ ଆଇଡିଆ ବା ବିଚାର ପ୍ରାପ୍ତ ହୋଇଛି, ଯାହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସେମାନଙ୍କ ମଧ୍ୟରେ ଅସୀମ ସୃଜନଶୀଳତା ଏବଂ ଉଦ୍ୟୋଗୀ ଶକ୍ତି ଭରି ରହିଛି, ଯାହା ଏକ ଉପଯୁକ୍ତ ମାଧ୍ୟମ ଅପେକ୍ଷାରେ ଅଛି । ଏହାସହ, ବିଭିନ୍ନ ମନ୍ତ୍ରଣାଳୟ ମାନଙ୍କ ପକ୍ଷରୁ ଉତ୍ସର୍ଗୀକୃତ ଭାବରେ ମହିଳା ଉଦ୍ୟୋଗୀ ସେଲ୍ (ଡବ୍ଲୁ.ଇ.ସି.) ମାନ ଖୋଲାଯାଇଛି ଯାହା କି ମହିଳା ଉଦ୍ୟୋଗଗୁଡ଼ିକୁ ଆଗକୁ ଆଗେଇ ନେଇଯିବା ସକାଶେ ବିଭିନ୍ନ ଯୋଜନାମାନଙ୍କ ମଧ୍ୟରେ ସମାଯୋଜନା, ମହିଳାମାନଙ୍କ ନିମନ୍ତେ ଏହାର ସୁଫଳକୁ ମନିଟରିଂ ଏବଂ ଆକଳନ କରିବା ଏବଂ ହିତଧାରକମାନଙ୍କୁ ଏହି ବାତାବରଣ ସହିତ ସଂଶ୍ଲିଷ୍ଟ କରି ରଖିବା । ଏହିସବୁ ଉପକ୍ରମ ଲିଙ୍ଗଗତ ଟାର୍ଗେଟିଂ ଏବଂ ସମନ୍ୱୟ ଉପରେ ଧ୍ୟାନ କେନ୍ଦ୍ରିତ କରିଛି ଏବଂ ତାହା ମହିଳା ସମାଯୋଜନ ପ୍ରଗତିକୁ ମଧ୍ୟ ପ୍ରତିଫଳିତ କରେ । ସବସିଡ଼ି ବ୍ୟବସ୍ଥା ଯାହାକି ପ୍ରତ୍ୟେକ ଯୋଜନାରେ ରହିଛି, ତାହାକୁ ଅଧିକ ସୁଗମ, ସରଳ



ସୁଶ୍ରୀ ଶୋଭା କରନ୍ଦଲାଜେ

ଏବଂ ମହିଳାମାନଙ୍କ ପ୍ରତି ଅଭିପ୍ରେତ କରିବା ନିମନ୍ତେ ସମର୍ଥନଯୋଗ୍ୟ କରାଯାଇଛି । କୌଶଳ, ଆତ୍ମବିଶ୍ୱାସ ଏବଂ ଗୋଷ୍ଠୀ ଋଣ ବ୍ୟବସ୍ଥା ଏବଂ ବଜାରକୁ ଛାଡ଼ି, ସରକାର ଏହା ସ୍ୱୀକାର କରିଛନ୍ତି ଯେ ଉଦ୍ୟୋଗ ହେଉଛି କୌଶଳ ଏବଂ ଆତ୍ମବିଶ୍ୱାସର ଏକ ପ୍ରସଙ୍ଗ । ଉତର ପୂର୍ବାଂଚଳ କ୍ଷେତ୍ରରେ, ଯେଉଁଠାରେ ମହିଳାମାନେ ପାରମ୍ପରିକ ଭାବରେ ନିଜ ନିଜ ଗୋଷ୍ଠୀର ଆର୍ଥିକ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଆସୁଛନ୍ତି, ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ସେମାନଙ୍କ ନିମନ୍ତେ ତାଲିମପ୍ରାପ୍ତ ମହିଳା ସହଭାଗୀଙ୍କୁ ଅଧିକ ସଂଖ୍ୟାରେ ସୁନିଶ୍ଚିତ କରାଯାଉଛି । ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଏମ.ଏସ.ଏମ.ଇ. ସହିତ ସମନ୍ୱିତ କରାଯାଇଛି ଯାହା ଏକ ସହାୟକ ବାତାବରଣ ସୃଷ୍ଟି କରିଛି, ଏବଂ ଗୋଷ୍ଠୀରେ ମହଳା ଉଦ୍ୟୋଗୀମାନଙ୍କୁ ପରସ୍ପର ପ୍ରତି ସମର୍ଥନ ଯୋଗାଇବାରେ ସହାୟକ ହେଉଛି । ଏହା କେବଳ ସେମାନଙ୍କର ବ୍ୟବସାୟକୁ ସହାୟକ ହେଉନାହିଁ ବରଂ ପାରସ୍ପରିକ ସାମର୍ଥ୍ୟ ବୃଦ୍ଧିର ଏକ ନେଟୱାର୍କ ସୃଷ୍ଟି କରିଛି । ବର୍ତ୍ତମାନର ସରକାର ସଦାବେଳେ ଏହି ଦିଗରେ ଆଗକୁ ପ୍ରଗତି କରିଚାଲିଛି । ପ୍ରତ୍ୟେକ ବଜେଟରେ, ପ୍ରତି ଯୋଜନା, ପ୍ରତିଟି ପୋର୍ଟାଲକୁ ଅଧିକ ସରଳ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ ସରକାର ବିକାଶର ଯେଉଁ ସୌଧ ନିର୍ମାଣ କରିଛନ୍ତି ତାହା ଭାରତର ବାସ୍ତବ ସାମର୍ଥ୍ୟକୁ ପୂର୍ଣ୍ଣ ମାତ୍ରାରେ ବିକଶିତ କରାଇବାରେ ସହାୟକ ହୋଇଛି । ପ୍ରତ୍ୟେକ ଉଦ୍ୟୋଗରେ ନାରୀ ଶକ୍ତିର ଭାବନା ପ୍ରତିଫଳିତ ନାରୀ ଶକ୍ତି ବନ୍ଦନ ଅଧିନିୟମ ସାରା ବିଶ୍ୱକୁ ଏହି କାହାଣୀ କହେ ଯେ ଭାରତର ମହିଳାମାନେ ଏହାର ସଂସଦର ଅଂଶବିଶେଷ । ସରକାରଙ୍କ ଏମ.ଏସ.ଏମ.ଇ. ନୀତି ଦୁନିଆକୁ ଏହି ବାର୍ତ୍ତା ଦିଏ ଯେ ଭାରତ ମହିଳାମାନେ ଏହାର ବଜାରର ମଧ୍ୟ ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏହାର କଳକାରଖାନାର ଅଂଶବିଶେଷ, ଏହାର ରପ୍ତାନୀ ଶୃଙ୍ଖଳରେ ଭାଗୀଦାର, ଏହାର ନବାଚାର ହବ୍ ଏବଂ ଏହାର ବୋର୍ଡରୁମର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ଏହା ଗୋଟିଏ ସତ୍ୟର ଦୁଇଟି ପରିପ୍ରକାଶ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ବିକଶିତ ଭାରତ ୨୦୪୭ ପରିକଳ୍ପନାର କେନ୍ଦ୍ରବିନ୍ଦୁରେ ହିଁ ଅବସ୍ଥାପନ କରିଛନ୍ତି । ଏକ ବିକଶିତ ଭାରତ ହେଉଛି ସେହି ଭାରତ ଯେଉଁଠାରେ ୩ କୋଟିରୁ ଅଧିକ ମହିଳା ଉଦ୍ୟୋଗୀ (ଏବଂ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି) ହେଉଛନ୍ତି ସେହି ବିକାଶର ଇଞ୍ଜିନ । ଆମେ ସେହି ଲକ୍ଷ୍ୟସ୍ଥଳରେ ଏପର୍ଯ୍ୟନ୍ତ ପହଁଚିନାହୁଁ । କିନ୍ତୁ ବର୍ତ୍ତମାନର ସରକାରଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାରେ, ଆମେ ଅବଶ୍ୟ ଉଚିତ ମାର୍ଗରେ ଆଗକୁ ଅଗ୍ରଗତି କରିଚାଲିଛୁ ।

***(ଲେଖିକା କେନ୍ଦ୍ର ସରକାରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟରତ)***

# ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ଖୁଂଟା (ନିପ୍ର): ଖୁଂଟା ଜି ବି ନଗର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଖୁଂଟା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି । ଉକ୍ତ ସଭାରେ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଡଃ ପ୍ରିୟଦର୍ଶନୀ ଇପ୍ସିତା ଦାଶ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଯୋଗଦେଇ ପିଲା ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଏବଂ ସମାଜ ସହିତ ତାଳଦେଇ ଆଗକୁ ବଢ଼ିବାର ମନ୍ତ୍ର ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ହିରଣ୍ମୟୀ ଶତପଥୀ ପିଲା ମାନଙ୍କର ଚରିତ୍ର ଗଠନ ପାଇଁ ବିଭିନ୍ନ ଉପଦେଶମାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ସହଯୋଗୀ ଅଧ୍ୟାପକ ଗୌରବ କୁମାର ପାଲ ନିଜର ବକ୍ତବ୍ୟ ରଖିଥିଲେ । ପ୍ରଦର୍ଶିକା ନିରୋଦା ବାରିକ ଧନ୍ୟବାଦ ଅର୍ପଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଉକ୍ତ ଉତ୍ସବରେ ମଂଚ ପରିଚାଳନାରରେ ମୁଖ୍ୟ ଭୂମିକାରେ ଦ୍ୱିତୀୟ ବର୍ଷର ଛାତ୍ର ଦିପୁ ମାଣ, ଭବାନୀଶଙ୍କର ମିଶ୍ର ଛାତ୍ରୀ ଶ୍ରେୟା ବେହେରା ଅଂଶ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ଓ ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।



# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ

ପୁରୀ(ନିପ୍ର): ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ତାଳବଣିଆ ଆଇଟିଆଇ ପଡିଆ ଠାରେ ମେଗା ବା ବୃହତ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା । ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଉଦଘାଟନ କରିବା ସହ ଏହି ନିଯୁକ୍ତି ମେଳା ମାଧ୍ୟମରେ ବେରୋଜଗାର ଯୁବକ ଯୁବତୀ ଙ୍କୁ ନିଯୁକ୍ତି ସୁଯୋଗ ସହ ସେମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ସହାୟକ ହେଉଛି ବୋଲି କହିଥିଲେ । ସରକାରଙ୍କ ଲକ୍ଷ୍ୟ ଯୁବବର୍ଗ ସେମାନଙ୍କ ଯୋଗ୍ୟତା ଅନୁସାରେ ଆତ୍ମ ନିର୍ଭର ହୁଅନ୍ତୁ । ବର୍ତ୍ତମାନ ସମୟରେ ଯୁବବର୍ଗ ଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିଛି । ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇ ପାରିବେ ବା ନିଜେ ତାଲିମ ନେଇ ଜଣେ ସଫଳ ଉଦ୍ୟୋଗପତି ହୋଇ ଅନ୍ୟ ମାନଙ୍କୁ ନିଯୁକ୍ତି ଦେଇ ପାରିବେ ବୋଲି ସେ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୁରୀ ର ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର କୃଷ୍ଣ ପ୍ରସାଦର ଅଧ୍ୟକ୍ଷ ଚନ୍ଦ୍ର ଶେଖର ସୁନ୍ଦରାୟ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ରୁଆ ର ଅଧ୍ୟକ୍ଷ ଦିପ୍ତୀ ମିଶ୍ର ପ୍ରମୁଖ ଯୋଗ ଦେଇ ନିଯୁକ୍ତି ମେଳା ଯୁବବର୍ଗ ପାଇଁ ଏକ ଭଲ ସୁଯୋଗ ।ଏଥିରେ ଯୋଗ ଦେଇ ନିଜ ଯୋଗ୍ୟତା ଓ ଦକ୍ଷତା ଆଧାର ରେ ନିଜକୁ ପ୍ରତିପାଦିତ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ସେକ୍ସନ ଅଫିସର ପୁଷ୍ପ ଲତା ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ନିଯୁକ୍ତି ମେଳା ପରିଚାଳନା ରେ ସହଯୋଗ କରିଥିଲେ ।

# ନାଗରିକ ମଂଚ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର



ନୟାଗଡ଼(ନିପ୍ର): ବହୁ ପ୍ରତିକ୍ଷିତ ଏବଂ ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳ ଲାଇନକୁ କ୍ରିୟାଶୀଳ କରିବା ଅବସରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କଂଟିଲୋ ନୀଳମାଧ୍ୱ ମନ୍ଦିର ପରିଦର୍ଶନ ସମୟରେ ପର୍ଯ୍ୟଟନ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିପୀଠ କଂଟିଲୋ ଏବଂ ଖଣ୍ଡପଡାକୁ ଖୁବ ଶୀଘ୍ର ରେଳ ଗଡ଼ିବା ନେଇ ପ୍ରତିଶୃତି ଦେଇଥିଲେ । ତଦନୁଯାଇ ତାଳଚେର ଠାରୁ ଅନୁଗୁଳ, ଆଠଗଡ, ବଡମ୍ବା, ନରସିଂହପୁର ଦେଇ କଂଟିଲୋ ଖଣ୍ଡପଡାକୁ ନୟାଗଡ଼ ଟାଉନ ରେଳ ଷ୍ଟେସନ ସହିତ ଯୋଡିବା ସଙ୍ଗେ ସଙ୍ଗେ ପ୍ରସ୍ତାବିତ ଏହି ୧୨୦ କିମି ରେଳପଥକୁ ଖୋର୍ଦ୍ଧା ଟାଉନ ଷ୍ଟେସନ ଠାରୁ କାଇପଦର ପର୍ଯ୍ୟନ୍ତ ଏକ କର୍ଡ଼ ଲାଇନ ଦ୍ୱାରା ସଂଯୁକ୍ତ କରାଯିବ । ଏଥିପାଇଁ ଆବଶ୍ୟକ ଫାଇନାଲ ଲୋକେସନ ସର୍ଭେ ଏବଂ ଡିପିଆର କାର୍ଯ୍ୟ ରେଳବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ହୋଇସାରିଛି । ତେବେ ଚଳିତ ବର୍ଷ ଏହି କାର୍ଯ୍ୟ ପାଇଁ ରେଳ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇ ନଥିବାରୁ ରେଳଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ । ଏ ସଂକ୍ରାନ୍ତରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଜରିଆରେ ଶୀଘ୍ର ଅର୍ଥ ମଂଜୁର କରିବା ପାଇଁ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଂଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକ, ବିନାୟକ ମିଶ୍ର, ଶାନ୍ତିଶେଖର ରଥ ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ଜିଲ୍ଲା ପ୍ଲାନିଂ କମିଟି ଅଧ୍ୟକ୍ଷ ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ଆଜି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା କାଲି ବିଧାୟକ ଶ୍ରୀ ସ୍ୱାଇଁ ନୂଆଦିଲ୍ଲୀ ଗସ୍ତ କରିବା ଅବସରରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ସହିତ ଏ ବାବଦରେ ଆଲୋଚନା କରିବା ପାଇଁ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶୃତି ଦେଇଛନ୍ତି ।

# ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

ଧାମନଗର(ନିପ୍ର): ଧାମନଗର ବ୍ଲକର କାର୍ଯ୍ୟରତ ଯୋଗାଣ ନିରୀକ୍ଷକ ରସାନନ୍ଦ ସାହୁଙ୍କ ବିରୋଧରେ ଦୁର୍ନୀତି ଓ ବେଆଇନ କାର୍ଯ୍ୟକଳାପ ନେଇ ବିଜେଡ଼ି ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି । ବିଭିନ୍ନ ପଂଚାୟତର ବିଜେଡ଼ି ସମର୍ଥିତ ଲୋକ ପ୍ରତିନିଧି ମାନେ ଏ ନେଇ ଜିଲ୍ଲାପାଳ, ଏସିପି ଓ ଧାମନଗର ବିଡିଓ ଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରି ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଭିଯୋଗ ପତ୍ରର ଉଲ୍ଲେଖ ଅନୁସାରେ, ଯୋଗାଣ ନିରୀକ୍ଷକ ସରକାରୀ ସାମଗ୍ରୀ ବଂଟନରେ ଅନିୟମିତତା କରୁଥିବା ସହ ରିଟେଲରମାନଙ୍କୁ ଠାରୁ ଅନଧିକୃତ ଭାବରେ ଟଙ୍କା ଆଦାୟ କରୁଛନ୍ତି । ରିଟେଲରମାନଙ୍କୁ ମିଳୁଥିବା ଅର୍ଥରୁ ୧୨ ପ୍ରତିଶତ ଦାବି, ଡିଲରଙ୍କ (ରାସନ ଚାଉଳ) ରିନ୍ୟୁଆଲ ପାଇଁ ପ୍ରତି କ୍ୱିଂଟାଲରେ ଅତିରିକ୍ତ ଟଙ୍କା, ଟ୍ରେଜେରୀ କାମ ପାଇଁ ଅଲଗା ଅର୍ଥ ଓ ବ୍ୟକ୍ତିଗତ ଲାପଟପ କ୍ରୟ ପାଇଁ ମଧ୍ୟ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ରହିଛି । ଲୋକ ପ୍ରତିନିଧି ମାନଙ୍କ କହିବା ଅନୁସାରେ, ଏହି ଅନିୟମିତତା ଫଳରେ ସାଧାରଣ ଖାଉଟିମାନେ ସିଧାସଳଖ ପ୍ରଭାବିତ ହେଉଛନ୍ତି ଏବଂ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏହି ଘଟଣାକୁ ନେଇ ପୂର୍ବରୁ ଯୋଗାଣ ନିରୀକ୍ଷକଙ୍କ ପାଖକୁ ଯାଇଥିଲା ବେଳେ ଅସଭ୍ୟ ବ୍ୟବହାର ଓ ଧମକ ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗରେ ଦର୍ଶାଯାଇଛି । ଏନେଇ ପୂର୍ବରୁ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ଅସନ୍ତୋଷ ଦେଖା ଦେଇଛି । ଲୋକ ପ୍ରତିନିଧିମାନେ ଦରଖାସ୍ତରେ ସ୍ପଷ୍ଟ କରିଛନ୍ତି ଯେ, ୭ ଦିନ ମଧ୍ୟରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ନ କରାଗଲେ, ଧାମନଗର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡ଼ି ପକ୍ଷରୁ ଧାରଣା ଦିଆଯିବ । ଏହି ଅଭିଯୋଗ ପ୍ରଦାନ ସମୟରେ ବିଜେଡ଼ି ବ୍ଲକ ସଭାପତି ପ୍ରତାପ ସାମଲ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ଜିଲ୍ଲାପରିଷଦ ସାରଦା ପ୍ରସନ୍ନ ସାହୁ, ପ୍ରଦୀପ କୁମାର ମଲିକ, ବ୍ଲକ ଉପାଧ୍ୟକ୍ଷା ଜଗବନ୍ଧୁ ପ୍ରଧାନ, ସମିତି ସଭ୍ୟ ସୁଦୀପ୍ତ ଖଟୁଆ, ଜ୍ଞାନରଞ୍ଜନ ମହାକୁଡ଼ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଶର୍ମିଷ୍ଠା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।







# ଦୁଇ ସମ୍ପ୍ରଦାୟର ବିବାଦକୁ ଦୁରକଲେ କେନ୍ଦୁଝର ଏସ୍‌ପି



କେନ୍ଦୁଝର,(ବ୍ରଜକିଶୋର ରାୟ) ଦୁଇ ସମ୍ପ୍ରଦାୟ ର ଭୁଲ ବୁଝାମଣା ତଥା ବିବାଦର ସମାଧାନ କଲେ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନିତିନ କାସଲକର ଡାଗଡୁ । ଶୁକ୍ରବାର ଅପରାହ୍ନରେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡ଼ପଟା ଗ୍ରାମ ପଂଚାୟତର ମୁଦିଚୋରା ଗ୍ରାମାର ଏହି ବିବାଦରେ ପୂର୍ଣ୍ଣଛେଦ ଟାଣିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ଉଭୟ ସମ୍ପ୍ରଦାୟର ପୁରୁଷ ଓ ମହିଳା ସ୍ୱଇଛାରେ ଅଂଶ ଗ୍ରହଣ କରିଥିଲେ । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, କେନ୍ଦୁଝର ଯୋଗଦେଇ ଉଭୟ ସମ୍ପ୍ରଦାୟ କୁ ସମ୍ବୋଧିତ କରିଥିଲେ । ଏହି ବୈଠକ ରେ ପ୍ରମୁଖ ସରକାରୀ ଅଧିକାରୀ ଙ୍କମଧ୍ୟରେ ଉପଜିଲ୍ଲାପାଳ କେନ୍ଦୁଝର, ତହସିଲଦାର ହରିଚନ୍ଦନପୁର ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପ୍ରକାଶ ଥାଉ କି ଗତ ପ୍ରାୟ ୧୫ ଦିନ ରେ ଉଭୟ ସଂପ୍ରଦାୟ ମଧ୍ୟରର ପରମ୍ପରା କୁ ନେଇ ମତାନ୍ତର ହୋଇଥା । ଏହା ପରଠାରୁ ଖ୍ରୀଷ୍ଟିୟାନ ସଂପ୍ରଦାୟର ଲୋକମାନେ ଏହି ଗ୍ରାମାର ନରହି ଅନ୍ୟତ୍ର ରହୁଥିଲେ । ଆରକ୍ଷୀ ଅଧିକ୍ଷକଙ୍କ ହସ୍ତକ୍ଷେପ ପରେ ଉଭୟ ସମ୍ପ୍ରଦାୟ ର ଭୁଲ ବୁଝାମଣା କୁ ଭୁଲି ଉଭୟ ପରସ୍ପରକୁ ସ୍ୱାଗତ ତଥା ଆଲିଙ୍ଗନ କରିଥିବା ସୂଚନା ମିଳିଛି । ଆଗାମି ଦିନରେ ଶାନ୍ତିର ବାତାବରଣ ବଜାଇ ରଖିବାକୁ ପ୍ରତିଶୃତି ବଦ୍ଧ ହୋଇଥିଲେ । ବୈଠକ ପରିଶେଷରେ ଉପସ୍ଥିତ ଉଭୟ ସମ୍ପ୍ରଦାୟ ର ଲୋକମାନେ ଆରକ୍ଷୀ ଅଧିକ୍ଷକ ଙ୍କୁ ଏହି ପ୍ରୟାସ ପାଇଁ ଧନ୍ୟବାଦ ଦେବା ସହିତ ପ୍ରଶଂସା କରିଥିଲେ ।

# ସି.ଏମ. କପ୍ ମହିଳା ଫୁଟ୍‌ବଲ ପ୍ରତିଯୋଗିତା



ଝାରସୁଗୁଡ଼ା (ନି.ପ୍ର.)- ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ସଂଘ ଆନୁକୁଲ୍ୟରେ ୨ୟ ଓ.ଏସ୍?.ଏପି ମିନି ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ବର୍ଷ ସି.ଏମ. କପ୍ ବାଳିକା, ବାଳକ ଫୁଟବଲ ପ୍ରତିଯୋଗିତାର ୮ତମ ଦିବସରେ ସେଂଟ ଭିନସେଂଟ (ଆଦିବାସି କ୍ଲବ) ୫-୦ ଗୋଲରେ ଲିଗ ମ୍ୟାଚରେ ବିଜୟୀ ।ଆଜି ଅଷ୍ଟମ ଦିବସ ସକାଳର ପ୍ରଥମ ମ୍ୟାଚ ସେଂଟ ଭିନସେଂଟ (ଆଦିବାସି କ୍ଲବ) ଓ କିରିମିରା (୧୪ ବର୍ଷ ବୟସ ବର୍ଗରେ )ବାଳିକା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଭିନସେଂଟ (ଆଦିବାସି କ୍ଲବ) ସୁନ୍ଦର ବୁଝାମଣା ସହିତ ଖେଳ ଆରମ୍ଭ କରିଥିଲେ । ସେଂଟ ଭିନସେଂଟ(ଆଦିବାସି କ୍ଲବ) ଦଳ ଖେଳ ଆରମ୍ଭର ୫ ମିନିଟରେ ପ୍ରଥମ ଗୋଲ ଦେଇଥିଲେ । ଖେଳ ଶେଷ ସୁଦ୍ଧା କିରିମିରା ଦଳକୁ ୫ ଗୋଲ ଦେଇ ୨ ପଏଂଟ ହାସଲ କରିଛନ୍ତି । ଅପରାହ୍ନ ରେଏମ.ଏସ. ବେହେରାପାଟ କ୍ଲବ ଓ ବାଲଝରୀ ବାଳକ ଦଳ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲାଏମ.ଏସ. ବେହେରାପାଟ କ୍ଲବ ୬-୦ ଗୋଲରେ ବିଜୟୀ ହୋଇଛି । ଆଜିର ସକାଳ ମ୍ୟାଚରେ ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ । ଅପରାହ୍ନ ରେ ସାମ୍ବାଦିକ ଜ୍ଞାନବ୍ରତ ଭୋଇ ଓ ଆଶିଷ ଦାସ ଅତିଥି ଭାବରେ ଯୋଗ ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ । ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ତାପସ ରାୟ ଚୌଧରୀ,ସଂପାଦକ ବିଜୟ ବେହେରା, କୋଷାଦକ୍ଷ ପ୍ରଜ୍ୱଳ ପଟେଲ ଓ ସଭ୍ୟ ମନୋଜ ପଟେଲ . ସୁଶାନ୍ତ ମାଳି, ବିଜୟ ବକ୍ସି, ଅମିୟ ଷଣ୍ଡ , ରାମବିଳାସ ବିଶ୍ୱକର୍ମା , ଭଗବାନ ଡିଲା ପ୍ରଭୃତି ଉପସ୍ଥିତ ଥିଲେ ।ଏହି ଖେଳଗୁଡିକୁ ସଂଜୟ କିଶାନ,ସରୋଜ କିଶାନ,ଅମିତ ବାଗ, ଅରୁଣ ବାଗ,ରତ୍ନାକର ସା, ଅଗସ୍ତି ହାତିପଦ ଓ ସଂଜୟ ଦାସ ପରିଚାଳନା କରିଥିଲେ ।

# ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉପଲକ୍ଷେ ଉପଜିଲ୍ଲାପାଳଙ୍କ ଦ୍ୱାରା ପ୍ରସ୍ତୁତି ବୈଠକ

ପୁରୀ(ନି.ପ୍ର.) : ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ହୋଇଯାଇଅଛି । ଏଥିରେ ସମିତିର ସଦସ୍ୟ ଏବଂ ଆଦିତ୍ୟ ବାହିନୀର ପ୍ରାକ୍ତନ ରାଜ୍ୟ ସଭାପତି ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଖୁଂଟିଆ ପ୍ରସ୍ତୁତି ବୈଠକର ବିବରଣୀ ଆଲୋଚନା କରିଥିଲେ । ଭଗବତ୍ ?ପ୍ାଦ ଆାଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ ଉପଲକ୍ଷେ ବୈଶାଖ ଶୁକ୍ଳ ପଂଚମୀ ଆସନ୍ତା ତା.୨୧.୦୪.୨୦୨୬ରିଖ ମଙ୍ଗଳବାର ଦିନ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ ପାଳିତ ହେବ । ଉକ୍ତଦିନ ଅପରାହ୍ନ ୩ଘଂଟିକା ସମୟରେ ତାଙ୍କର ଚଳନ୍ତି ପ୍ରତିମାଙ୍କୁ ନଗର ପରିକ୍ରମା ପୂର୍ବକ ଶୋଭାଯାତ୍ରାରେ ଶ୍ରଦ୍ଧା, ଭକ୍ତି, ସୁମନ ଅର୍ପଣ କରିବା ସହିତ ଉକ୍ତ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ କରାଯିବ । ଏହି ଶୋଭାଯାତ୍ରା ଗୋବର୍ଦ୍ଧନ ମଠରୁ ବାହାରି ବାଲିସାହି, ସିଂହଦ୍ୱାର, ଦୋଳମଣ୍ଡପ ସାହି, ମୋଚିସାହି ଛକ, ରାମଚଣ୍ଡି ସାହି, ମରଚିକୋଟ ଗଳି, ବଡଦାଣ୍ଡ, ରାଜା ନଅର, ଦୋଳବେଦୀ, ଲକ୍ଷ୍ମୀମାର୍କେଟ, ମଣିକର୍ଣ୍ଣିକା ସାହି, ହରଚଣ୍ଡି ସାହି, ଗୌଡବାଡ ସାହି, କାମାକ୍ଷ ମନ୍ଦିର, ମଠ ପାଚେରୀକଡଦେଇ ଶୋଭାଯାତ୍ରା ଗୋବର୍ଦ୍ଧନ ମଠକୁ ପତ୍ୟାବର୍ତନ କରିବ । ଉକ୍ତ ଶୋଭାଯାତ୍ରାରେ ଏକ ହଜାରରୁ ଅଧ?କ ଭକ୍ତ ଓ ସାଂସ୍କୃତିକ ଦଳ ସାମିଲ୍ ହେବେ । ନଗର ବୀଜେ ସମୟରେ ହାରାହାରି ୧୨୦ଟି ସ୍ଥାନରେ ଚଉଦୋଳରେ ବିଜେ ଆଦିଶଙ୍କରଙ୍କ ଚଳନ୍ତିପ୍ରତିମା ସ୍ଥାନେ ସ୍ଥାନେ ରହି ଭକ୍ତଙ୍କ ଘରେ ପନ୍ତି ଭୋଗ ଲାଗିବ । ଉକ୍ତ ଉତ୍ସବ ଶୃଙ୍ଖଳିତ ଭାବେ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବଳ ଓ ଟ୍ରାଫିକ ନିୟନ୍ତ୍ରିତ ପାଇଁ ଉପଯୁକ୍ତ ସୂଚନା ପରିଚାଳନା କରିବା ପାଇଁ ଆରକ୍ଷୀ ବିଭାଗକୁ ଅନୁରୋଧ କରାଯାଇଛି । ପୁରୀ ମହାନଗର ନିଗମକୁ ଆବର୍ଜନାମୁକ୍ତ ସ୍ୱଚ୍ଛ ପରିକ୍ରମା ମାର୍ଗ, ରାସ୍ତା ଅବରୋଧ ହଟାଇବା, ମଣିକର୍ଣ୍ଣିକା ସାହିଠାରୁ ସାତାସନ ରୋଡ ପର୍ଯ୍ୟନ୍ତ ଆଲୋକି କରଣ ବ୍ୟବସ୍ଥାକୁ ସହଯୋଗ କରିବା ପାଇଁ ଅନୁରୋଧ କରାଗଲା ।ଶୋଭାଯାତ୍ର ସମୟରେ ଯଦି କୌଣସି ସାହିବାସିନ୍ଦାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୁଏ, କିମ୍ବା ଅଘଟଣ ଘଟେ ତାହାର ତୁରନ୍ତ ସମାଧାନ ପାଇଁ ଟି.ପି.ସି.ଓ.ଡି.ଏଲ. ଟିମ୍?ର ସହଯୋଗ କରିବାପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଗଲା ।ସମରକଳା ଆଦି ପ୍ରଦର୍ଶନ ସମୟରେ କିମ୍ବା ଆକସ୍ମିକ ଦୁର୍ଘଟଣାର ସମ୍ମୁଖୀନ ହୁଏ ସମାଧାନ ପାଇଁ ଆମ୍ବୁଲାନ୍ସ ଓ ଆଶୁ ଚିକିତ୍ସା ସୁବିଧା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ କରାଗଲା ।ପିଇବା ପାଣି ନିମନ୍ତେ ଗୋଟେ ଟ୍ୟାଙ୍କର ବ୍ୟବସ୍ଥା କରିବା ପାଇଁ ୱାଟ୍?କୋ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ।ଶ୍ରୀମନ୍ଦିର ପରିକ୍ରମା ବାହାର ରାସ୍ତାରେ ଶୋଭାଯାତ୍ରା ଯିବାପାଇଁ ସହମତି ପାଇଁ ଶ୍ରୀମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଗଲା ।ପାରମ୍ପରିକ ସାଂସ୍କୃତିକ ଲୋକକଳା ପରିବେଷଣ ଆଦିରେ ସହଯୋଗ କରିବାକୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଅନୁରୋଧ କରାଗଲା ।ପ୍ରଚାର ପ୍ରସାର ଓ ସମନ୍ୱୟ ରକ୍ଷା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଅନୁରୋଧ କରା ଯାଇଅଛି ବୋଲି ଗୋବର୍ଦ୍ଧନ ପୀଠ, ପୁରୀର ସୂଚନା ଓ ଲୋକସମ୍ପର୍କ ସଚିବ ଦେବାଶିଷ ମିଶ୍ର ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଦେବସ୍ମିତା ମହାନ୍ତି, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱଜିତ୍ ମହାନ୍ତି, ଅଗ୍ନିଶମ ଅଧିକାରୀ ଜିଜ୍ଞାସୁ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ରାଜ୍ୟ ଶଙ୍କର ଜୟନ୍ତୀ ସମାରୋହ ସମିତି, ଗୋବର୍ଦ୍ଧନ ମଠ ପୁରୀର ସଭାପତି ଗଣେଶ୍ୱର ମହାସୁଆର , ଆଦିତ୍ୟ ବାହିନୀ ର ସଭାପତି ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ମହେଶ ବ୍ରହ୍ମଚାରୀ , ସୁଧାଂଶୁ ମହାନ୍ତି, ସମ୍ପାଦକ ଡକ୍ଟର ପ୍ରକାଶ କୁମାର ଶତପଥୀ , ସମିତିର ସଂଯୋଜକ ବିଶ୍ୱଶାନ୍ତି ତ୍ରିପାଠୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ ।

# ବିଷ୍ଣୁପୁରରେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ

କେନ୍ଦୁଝର,(ନି.ପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ୫ଟି ଦୋଳକୁ ନେଇ ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବିଷ୍ଣୁପୁର ଗ୍ରାମ ତରଫରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଘଟ ଆଣି ସ୍ଥାପନ କରିବା ପରେ, ଅଖଣ୍ଡ ନାମ ଯଜ୍ଞ ରେ ପୂଜକ ନିୟୋଜିତ ହୋଇଥିବା ବିଧି ଅନୁଯାଇ ହରି ନାମକୁ ଶରଭାରମ୍ଭ କରିଥିଲେ ନିମନ୍ତ୍ରିତ ହୋଇଥିବା ସଂକୀର୍ତନ ଦଳ ଗୁଡ଼ିକ । ଏହି ଚବିଶ ପ୍ରହର ଅଖଣ୍ଡ ନାମ ଯଜ୍ଞ ରେ ମୟୁରଭଞ୍ଜର ଖଡିପାହାଡି, ବାରିପଦାର ନୂଆଗାଁ, ଗମ୍ଭାରିୟାର ବେତନଟୀ,କେନ୍ଦୁଝରର ରାଇକଳା ଢିପାସାହି,କେନ୍ଦୁଝରର ମାଟିଖିଣି ସଂକୀର୍ତନ ମଣ୍ଡଳୀ ବଡଡୁମୁରିଆ ଯୋଗଦାନ କରି ହରି ନାମକୁ କୁ ଅତି ସୁନ୍ଦର ଭାବରେ ପରିବେଷଣ



କରିଥିଲେ । ସଂକୀର୍ତନ ଦଳ ଗୁଡ଼ିକୁ ସର୍ବପୁରାତନ ସ୍ୱର ଠାରୁ ଆରମ୍ଭ କରି ଆଧୁନିକ ଗୀତ ଗୁଡିକର ସ୍ୱର କୁ ନେଇ ପ୍ରତିଯୋଗିତା ମୂଳକ ଭାବରେ ହରିନାମ କୁ ପରିବେଷଣ କରି ଶହ ଶହ ହରିଭକ୍ତ ମାନଙ୍କୁ ବିମୋହିତ କରିବଙ୍କ ସହିତ ଆଖପାଖ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି କରି ପାରିଥିଲେ । ଏହି ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞକୁ ପରିଚାଳନାରେ ସହଯୋଗ କରିଥିଲେ ବିଷ୍ଣୁପୁର ଗ୍ରାମ କମିଟିର ସମସ୍ତ ସଦସ୍ୟ ବୃନ୍ଦ ।

# ଝାରସୁଗୁଡ଼ାରେ ବଙ୍ଗାଳୀ ସମାଜର ନବବର୍ଷ ପାଳିତ

ଝାରସୁଗୁଡ଼ା(ନି.ପ୍ର.)-କାଲିବାଡି ଦୁର୍ଗାପୁଜା କମିଟି ଓ କାଳିମନ୍ଦିର ବଙ୍ଗାଳୀ ମହିଳା ସମିତି ଦ୍ୱାରା ଝାରସୁଗୁଡ଼ା କାଳୀମନ୍ଦିର ପରିସରରେ ଗତକାଲି ସନ୍ଧ୍ୟାରେ ବଙ୍ଗାଳୀ ନବ ବର୍ଷ ପାଳନ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ମଧୁ ମିତ୍ର, ସୁନୀଲ ଚକ୍ରବର୍ତୀ, ରାଜେଶ ପାଢି, ସନ୍ଦିପ ଅବସ୍ଥି,ତୁଷାର ସେନ ଏବଂ କମଳକାନ୍ତି ଅତିଥି ଭାବରେ ଯୋଗ ଦେଇଥିବା ବେଳେ ତାପସ ରାୟ ଚୌଧୁରୀ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ । ନୃତ୍ୟ,ଗୀତ, ବାଦ୍ୟଯନ୍ତ୍ର ଉପସ୍ଥାପନା ଏବଂ ପଠୋତ୍ସବ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉତ୍ସବ ସମୃଦ୍ଧ ହୋଇଥିଲା । ପ୍ରାୟ ୧୦ଟି ନାଚ, ୩ଟି ଗୀତ ବାଦ୍ୟଯନ୍ତ୍ର ଉପସ୍ଥାପନା କରାଯାଇଥିଲା । କାର୍ଯ୍ୟକ୍ରମ କୁ ଉପଭୋଗ କରିବା ପାଇଁ ପ୍ରାୟ ୪୦୦ରୁ ଅଧିକ ପରିବାରର ଲୋକ ଉପସ୍ଥିତ ଥିଲେ । ସୁସ୍ମିତା ଚକ୍ରବର୍ତୀ, କନିକା ମୁଖାର୍ଜୀ, ପ୍ରବୀର ପାଉଲ, ଦୀପାନ୍ୱିତ ପାଲ ଏବଂ ମାଷ୍ଟର ସୁଭମ ମୁଖାର୍ଜୀ ନୃତ୍ୟ,ଗୀତକାର୍ଯ୍ୟକ୍ରମକୁ ସଂଯୋଜକ କରିଥିଲେ ।

# ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ

କଟକ : (ନି.ପ୍ର)ମହାନ ଜନନେତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ ବିଜୁ ପଟ୍ଟନାୟକ ଛକ ଓ ଯୋବ୍ରାସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଆନନ୍ଦ ଭବନ ବାସଭବନ ସଂଗ୍ରହାଳୟ ଯାଇ ସେଠାରେ ତାଙ୍କ ପୂର୍ଣ୍ଣାବୟାବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସଂଗ୍ରହାଳୟରେ ବିଜୁ ବାବୁଙ୍କ ସମ୍ପର୍କିତ ପ୍ରଦର୍ଶିତ ଫଟୋଚିତ୍ର ବୁଲି ଦେଖିଥିଲେ ।ଏହି ଅବସରରେ କେନ୍ଦ୍ରାଂଚଳ ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଦୀପ୍ତି ଚୌଧୁରୀ ଓ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଝାରସୁଗୁଡ଼ାରେ ‘ନାରୀ ଶକ୍ତି ବନ୍ଦନା’ କାର୍ଯ୍ୟକ୍ରମ

ଝାରସୁଗୁଡ଼ା(ନି.ପ୍ର), - ଜିଲ୍ଲା ପ୍ରଶାସନ ଏବଂ ମିଶନ ଶକ୍ତିର ମିଳିତ ଆନୁକୁଲ୍ୟରେ ଆଜି ସ୍ଥାନୀୟ ଅଂଚଳରେ ‘ନାରୀ ଶକ୍ତି ବନ୍ଦନା’ ତଥା ‘ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ’ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୫୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ସକାଳ ୯:୦୦ ଘଟିକା ସମୟରେ ବେହେରାମାଲ ଛକଠାରୁ ଏକ ବିଶାଳ ସଚେତନତା ରାଲି ବାହାରିଥିଲା । ଏହି ଶୋଭାଯାତ୍ରା ବେହେରାମାଲରୁ ବାହାରି ସହର ପରିକ୍ରମା କରିବା ସହ ଏମ.ସି.ଏଲ ଅଡିଟୋରିୟମ ପର୍ଯ୍ୟନ୍ତ ଯାଇଥିଲା । ହାତରେ ସଚେତନତା ବାର୍ତା ସମ୍ବଳିତ ପ୍ଲାକାର୍ଡ ଧରି ମହିଳାମାନେ ସମାଜରେ ସ୍ୱାସ୍ଥ୍ୟ ଓ ସ୍ୱାଧୀନତାର ବାର୍ତା ପ୍ରସାର କରିଥିଲେ । ପରବର୍ତୀ ସମୟରେ ଅଡିଟୋରିୟମ ପରିସରରେ ଏକ ସ୍ୱତନ୍ତ୍ର ସଚେତନତା ସଭା ଓ



ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମହିଳାଙ୍କ ଜୀବନଶୈଳୀରେ ସ୍ୱାସ୍ଥ୍ୟ, ପୋଷଣ ଏବଂ ପରିମଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହା କିପରି ସେମାନଙ୍କ ପରିବାରର ଜୀବିକାକୁ ପ୍ରଭାବିତ କରେ, ସେ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ ।ଆଲୋଚନା ଚକ୍ରରେ ମହିଳାମାନଙ୍କ ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟ, ସଠିକ୍ ପୋଷଣ ଏବଂ ପରିମଳର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସ୍ୱଚ୍ଛତା ଓ ଉତମ ସ୍ୱାସ୍ଥ୍ୟ କିପରି ଜଣେ ମହିଳାର ଆତ୍ମବିଶ୍ୱାସ ବଢ଼ାଇବା ସହ ତାଙ୍କ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାଏ, ସେ ସମ୍ପର୍କରେ ବିଶେଷଜ୍ଞମାନେ ମତ ରଖିଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସ୍ୱାସ୍ଥ୍ୟ ରକ୍ଷାକୁ ଏକ ଜୀବନଶୈଳୀ ଭାବେ ଆପଣାଇବାକୁ ଏହି ଅବସରରେ ଶପଥ ନେଇଥିଲେ ।ଏହି ଅବସରରେ ଆୟୋଜିତ ପାରମ୍ପରିକ ହୁଳହୁଳିରେ ବିଜୟୀ ହୋଇଥିବା ୩ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଝଜଗଇଝ ର ଡେପୁଟି ସିଇଓ ଯୁବରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆୟୁଷ ଡ. ଅନ୍ନଦା ଶଙ୍କର ଦାସ ନିଆରା ବ୍ୟକ୍ତିଗତ ପ୍ରଚେଷ୍ଟା



ନୂଆପଡା, (ନି.ପ୍ର) ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମ ପଂଚାୟତ ଅନ୍ତର୍ଗତ କାସିପଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡ. ଅନ୍ନଦା ଶଙ୍କର ଦାସଙ୍କ ନିଆରା ବ୍ୟକ୍ତିଗତ ପ୍ରଚେଷ୍ଟାରେ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସମସ୍ତଙ୍କ ବ୍ୟକ୍ତିଗତ ରକ୍ତ ଗ୍ରୁପ ପରୀକ୍ଷା କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମନ୍ତ ସିଂ ପଣ୍ଡା ଓ ସହକାରୀ ଶିକ୍ଷୟତ୍ରି ଗୀତାଞ୍ଜଳି ଚଲାନଙ୍କ ଅନୁରୋଧକୁ ରକ୍ଷା କରି ଡ.ଦାସ ଗୁରୁବାର ବିଦ୍ୟାଳୟରେ ଏକ କ୍ୟାମ୍ପ କରିଥିଲେ । ଏହି କ୍ୟାମ୍ପରେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ବିଜୟ କୁମାର ଚଲାନ, ଟେକନିକ ସିଆନ ଲମ୍ବୋଦର ବାରିକ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କ ରକ୍ତ ନମୁନା ନେଇ ଗ୍ରୁପ ପରୀକ୍ଷା କରିଥିଲେ । ଡ. ଦାସ ଅନେକ ସମୟରେ ବ୍ୟକ୍ତିଗତ ଭାବେ ଅନେକ ଗରିବ ହିତାଧିକାରୀ ମାନଙ୍କ ଦୁର୍ଗମ ଅଂଚଳ ମାନଙ୍କୁ ନିଃସ୍ୱାର୍ଥପର ଭାବେ ଘର ଘର ଯାଇ ଗରିବ ହିତାଧିକାରୀ ରୋଗୀ ନିଶୁଳ୍କ ଚିକିତ୍ସା ସେବା ସହ ଔଷଧ ଯୋଗାଇ ଦେଇ ଆସୁଛନ୍ତି । ସୂଚନା ଥାଉକି କରୋନା ଆକ୍ରାନ୍ତ ସମୟରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ କରୋନା ଆକ୍ରାନ୍ତ ମୃତ ରୋଗୀ ମାନଙ୍କ ଦାହ ସଂସ୍କାର କରି ଖଡ଼ିଆଳ ଅଂଚଳର ସୁନାମ ଆଣିଥିଲେ । ନିକଟରେ ଖଡ଼ିଆଳ ବ୍ଲକର ଜଣେ କୁଷ୍ଠ ରୋଗୀଙ୍କୁ ନିଜ କାନ୍ଧ ଦେଇ ସତ୍ ସତ୍କାର କରି ଅଂଚଳରେ ଉଦାହରଣ ସୃଷ୍ଟି କରିଥିଲେ ।ତାଙ୍କର ଏହିସବୁ କାର୍ଯ୍ୟକଳାପକୁ ଖଡ଼ିଆଳ ଅଂଚଳ ରେ ଭୂୟସୀ ପ୍ରଂଶସା କରାଯାଉଛି । କାର୍ଯ୍ୟକ୍ରମରେ ରୋଷେୟା ତମାଳ ବାରିକ ଓ ଅପୂର୍ବ ପଣ୍ଡା ସହଯୋଗ କରିଥିଲେ ।

# ଏସ୍ ଆଇ ଆର୍ ପ୍ରଶିକ୍ଷଣ ଅଭିଯାନ ପାଇଁ ସାମ୍ବାଦିକ ସମ୍ମିଳନୀ



କଟକ: (ନି.ପ୍ର)କେନ୍ଦ୍ର ସରକାର ଏସ ଆଇ ଆର ପ୍ରକ୍ରିୟାକୁ ସମସ୍ତ ରାଜ୍ୟ ପାଇଁ ଅନିବାର୍ଯ୍ୟ କରିଛନ୍ତି ଏବଂ ଏହାକୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟକରୀ କରାଯାଉଛି । ଓଡିଶାରେ ମଧ୍ୟ ଏସ ଆଇ ଆର୍ ଲାଗୁ ହେବାକୁ ଯାଉଛି ।ସେହିପରିସ୍ଥିତିରେ ଲୋକମାନଙ୍କ ମଧ୍ୟରେ ସଚେତନତା ଓ ସୁବିଧା ସୃଷ୍ଟି ପାଇଁ ଇମାରତ-ଏ-ଶରୟା ବିହାର, ଓଡିଶା, ଝାରଖଣ୍ଡ ଓ ପଶ୍ଚିମ ବଙ୍ଗର ହଜରତ ମୌଲାନା ଆହମଦ ୱାଲି ଫୈସଲ ରହମାନି ସାହେବ ତାଙ୍କ ସନ୍ଦେଶରେ କହିଛନ୍ତି ଯେ ଭବିଷ୍ୟତରେ ଭୋଟର ଆଇଡିକୁ ନାଗରିକତା ସହ ଯୋଡାଯାଇପାରେ ଏବଂ ସାଧାରଣ ଭୁଲରୁ ମଧ୍ୟ ନାଗରିକତା ଉପରେ ପ୍ରଶ୍ନ ଉଠିପାରେ । ତେଣୁ ଓଡିଶାରେ ଏସ ଆଇ ଆର୍ ଆରମ୍ଭ ହେବା ପୂର୍ବରୁ ଲୋକମାନଙ୍କୁ ପୂର୍ଣ୍ଣ ଭାବରେ ସଚେତନ କରିବା ଅତ୍ୟନ୍ତ ଆବଶ୍ୟକ ।ଏହି ଉଦ୍ଦେଶ୍ୟରେ ଇମାରତ-ଏ-ଶରୟା ବିହାର, ଓଡିଶା, ଝାରଖଣ୍ଡ ଓ ପଶ୍ଚିମ ବଙ୍ଗ ଚାରି ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧି ମଣ୍ଡଳ ଗଠନ କରିଛି, ଯାହା ପନ୍ଦର ଦିନ ଧରି ରାଜ୍ୟର ସମସ୍ତ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଯୁବମାନଙ୍କୁ ବ୍ୟବହାରିକ ଓ ଆଇନଗତ ପ୍ରଶିକ୍ଷଣ ଦେବ । ସେ ଯୁବମାନଙ୍କୁ ଆହ୍ୱାନ କରିଛନ୍ତି ଯେ ସେମାନେ କମ୍ ଶିକ୍ଷିତ ଓ ସାଧାରଣ ଲୋକଙ୍କ ସହାୟତା ପାଇଁ ଆଗକୁ ଆସନ୍ତୁ ।ଏହି ସନ୍ଦେଶକୁ ଇମାରତ-ଏ-ଶରିଆର ଦାରୁଲ କଜାରେ ଏକ ପ୍ରେସ ସମ୍ମିଳନୀରେ ବିଭିନ୍ନ ସଂଗଠନ, ସମ୍ପ୍ରଦାୟ ଓ ଧର୍ମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ମୌଲାନା ମତିଉର ରହମାନ , ଜମିୟତ ଉଲେମା , ମୌଲାନା ଅବୁଲ କାସିମ , ଜମିୟତ ଉଲେମ, ମୁଫ୍ତି ଜାହିଦ , ଶ୍ରୀ ସଲିମ ଖାନ , ଶ୍ରୀ ସଫଦର ହାଶିମ , ଶ୍ରୀ ସଏଦ ଜବିହୁଲ୍ଲାହ , ଖ୍ରୀଷ୍ଟିୟ ସମ୍ପ୍ରଦାୟରୁ ଆଡଭୋକେଟ ମୋନାଲିଜା ଲକ୍ରା ଓ ସିଖ ସମ୍ପ୍ରଦାୟରୁ ଶ୍ରୀ ଗୁରିନ୍ଦର ସିଂହ କମ୍ବୋଜ ଅନ୍ତର୍ଭୁକ୍ତ ଥିଲେ । ସେମାନେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଏହି ପଦକ୍ଷେପ ସଂପୂର୍ଣ୍ଣ ଭାବେ ସୁଧାରମୂଳକ, ରଚନାତ୍ମକ ଓ ଜନହିତ ଆଧାରିତ ଅଟେ, ଯାହାର କୌଣସି ରାଜନୈତିକ ଦଳ ବା ରାଜନୈତିକ ସ୍ୱାର୍ଥ ସହ ସମ୍ପର୍କ ନାହିଁ । ଇମାରତ-ଏ-ଶରୟା ବିହାର, ଓଡିଶା ଓ ଝାରଖଣ୍ଡ ସହିତ ଅନ୍ୟାନ୍ୟ ସାମାଜିକ ସଂଗଠନର ଦାୟିତ୍ୱବାହୀମାନେ ସଂଯୁକ୍ତ ଭାବେ ଓଡିଶାର ଲୋକମାନଙ୍କୁ— ବିଶେଷକରି ଯୁବଗୋଷ୍ଠୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଦାୟିତ୍ୱଶୀଳ ବ୍ୟକ୍ତିମାନଙ୍କୁ— ଆହ୍ୱାନ କରିଛନ୍ତି ଯେ ସେମାନେ ଏହି ପ୍ରଶିକ୍ଷଣ ଅଭିଯାନରେ ସକ୍ରିୟ ଭାଗ ନେଅନ୍ତୁ ଏବଂ କୌଣସି ଭେଦଭାବ ବିନା ଏହି କାର୍ଯ୍ୟରେ ସହଯୋଗ କରନ୍ତୁ, ଯାହା ଫଳରେ ଏହି ଜନକଲ୍ୟାଣମୂଳକ ପ୍ରୟାସ ସଫଳ ହୋଇପାରିବ ।ଏହି ପ୍ରେସ ସମ୍ମିଳନୀରେ ଇମାରତ-ଏ-ଶରୟାର କେନ୍ଦ୍ରୀୟ କାର୍ଯ୍ୟାଳୟରୁ ନାଜିମ ମୁଫ୍ତି ମହମ୍ମଦ ସଇଦୁର ରହମାନ କାସମି, ସହାୟକ ନାଜିମ ମୌଲାନା କମର ଆନିସ କାସମି, ଦାରୁଲ କଜା କଟକର କାଜି-ଏ-ଶରୟା ମୌଲାନା ସିବଗତୁଲ୍ଲାହ, ମୌଲାନା ମହମ୍ମଦ ଶାରିକ ରହମାନି, ରିସର୍ଚ୍ଚ ଟିମ ସଦସ୍ୟ ମୁଫ୍ତି କୟାମୁଦ୍ଦିନ କାସମି, ଡା. ହିଫଜୁର ରହମାନ ଓ ମୌଲାନା ଇକ୍ରାମୁଦ୍ଦିନ କାସମି ସହିତ କଟକ ସହରର ବିଭିନ୍ନ ପ୍ରମୁଖ ବ୍ୟକ୍ତି ଓ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଦୁଇଦିନିଆ ଶ୍ରୀଲଙ୍କା ଗସ୍ତରେ ଯିବେ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ୧୯ ଏବଂ ୨୦ ଏପ୍ରିଲରେ ଶ୍ରୀଲଙ୍କା ଗସ୍ତରେ ଯିବେ । ଏହା ଉପରାଷ୍ଟ୍ରପତିଙ୍କ ଶ୍ରୀଲଙ୍କାକୁ ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଏହି ଗସ୍ତ ସମୟରେ, ଉପରାଷ୍ଟ୍ରପତି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକ, ପ୍ରଧାନମନ୍ତ୍ରୀ ଡକ୍ଟର ହରିଣୀ ଅମରସୁରିଆଙ୍କ ସହିତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଭାରତୀୟ ପ୍ରବାସୀ ନେତାଙ୍କ ସହିତ ସାକ୍ଷାତ କରିବେ ।ଉଲ୍ଲେଖଯୋଗ୍ୟ, ଉପରାଷ୍ଟ୍ରପତିଙ୍କ ଶ୍ରୀଲଙ୍କା ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପ୍ରତି ଉଚ୍ଚସ୍ତରୀୟ ବୈଠକ ପରେ ଏବଂ ଭାରତ ଏବଂ ଶ୍ରୀଲଙ୍କାକୁ ସଂଯୋଗ କରୁଥିବା ଶତାବ୍ଦୀ ପୁରୁଣା ଲୋକ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି ।

# ବିଜୁ ପଟ୍ଟନାୟକଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବ ଆମ ସରକାର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୨୯ ତମ ଶ୍ରାଦ୍ଧ ଦିବସ ଅବସରରେ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୁ ବାବୁ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିଳ୍ପପତି, ଓଡିଶାକୁ ଭଲ ପାଉଥିବା ରାଜନେତା । ଓଡିଶା ମାଟିର ଗୌରବ ଏବଂ ଦେଶର ସଂମାନ ପାଇଁ ସିଏ ସର୍ବଦା ଲଢେଇ କରୁଥିଲେ । ଓଡ଼ିଶାର ସ୍ୱାଭିମାନ ଏବଂ ସଂମାନ ପାଇଁ ସିଏ କେବେ ସାଲିସ କରିନଥିଲେ । ଓଡିଶାକୁ ସମୃଦ୍ଧ କରିବାକୁ ସ୍ୱପ୍ନ ଦେଖିଥିଲେ ବିଜୁ ପଟ୍ଟନାୟକ । ବିଜୁ ପଟ୍ଟନାୟକ ସଂକଳ୍ପ ଏବଂ ସ୍ୱପ୍ନକୁ ନେଇ ଆମ ସରକାର ମଧ୍ୟ ସମୃଦ୍ଧ ଓଡିଶା ଗଠନ କରିବାକୁ କାଯ୍ୟ କରୁଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାକୁ ସମୃଦ୍ଧ କରିବା ଏବଂ ଓଡିଶା ଅସ୍ମିତାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ବିଜୁ ବାବୁଙ୍କର ଯେଉଁ ସ୍ୱପ୍ନ ଅଧୁରା ରହିଯାଇଛି, ସେହି ସପ୍ନକୁ ପୁରା କରିବାକୁ ଆମ ସରକାର ସଂକଳ୍ପ ନେଇଛନ୍ତି । ଆଗାମୀ ଦିନରେ ଓଡ଼ିଆ ସ୍ୱାଭିମାନ ବିଶ୍ୱ ଦରବାରରେ ପହଂଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।








# ନାରୀ ଶକ୍ତି ଏକ ସଶକ୍ତ ଭାରତର ପରିଚୟ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପୁନର୍ବାର ଦେଶର ମାଆମାନଙ୍କୁ, ଭଉଣୀମାନଙ୍କୁ ଏବଂ ଝିଅମାନଙ୍କୁ ସ୍ମରଣ କରି ସେମାନଙ୍କର ଆଶୀର୍ବାଦ ଦେବାକୁ କୃପା କରିବାକୁ କହିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ସେୟାର କରାଯାଇଥିବା ସୁଭାଷିତରେ କହିଛନ୍ତି, "ଆମର ନାରୀ ଶକ୍ତି ଏକ ସଶକ୍ତ ଭାରତର ପରିଚୟ । ଆଜି ଦେଶର ମାଆ, ଭଉଣୀ ଓ ଝିଅମାନେ ନିଜର ଅତୁଟ ସଂକଳ୍ପ, ନିଷ୍ଠା ଏବଂ ସେବାଭାବ ଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ଭାରତର ଗୌରବ ବଢ଼ାଉଛନ୍ତି ।"ସେ ଶ୍ରୀ ଦୁର୍ଗା ସପ୍ତଶତୀର ଚତୁର୍ଥ ଅଧ୍ୟାୟ (ଶାକମ୍ଭରୀ ସ୍ତୁତି)ର ଶ୍ଳୋକ —"ଦେବ୍ୟା ଯୟା ତତମିଦଂ ଜଗଦାତ୍ମଶକ୍ତ୍ୟା ନିଶ୍ଶେଷଦେବଗଣଶକ୍ତି ସମୂହମୂର୍ତ୍ୟା । ତାମମ୍ବିକାମଖିଳଦେବମହର୍ଷିପୂଜ୍ୟାଂ ଭକ୍ତ୍ୟା ନତାଃ ସ୍ମ ବିଦଧାତୁ ଶୁଭାନି ସା ନଃ ?" ର ଉଲ୍ଲେଖ କରି କହିଛନ୍ତି ଯେ ଦେବୀ ନିଜର ଶକ୍ତି ଦ୍ୱାରା ଏହି ସମସ୍ତ ବ୍ରହ୍ମାଣ୍ଡର ସୃଷ୍ଟି କରିଛନ୍ତି । ସେ ସମସ୍ତ ଦେବତାଙ୍କ ଶକ୍ତିର ସମୂହ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, "ମାଆଙ୍କ ଆରାଧନା ସମସ୍ତ ଦେବତା ଏବଂ ମହାର୍ଷିମାନେ ସମାନ ଭାବେ କରନ୍ତି ଏବଂ ଆମେ ତାଙ୍କ ସମ୍ମୁଖରେ ଭକ୍ତିସହ ନମନ କରୁଛୁ । ସେହି ଦେବୀ ଆମ ପରେ ତାଙ୍କର ଶୁଭ ଆଶୀର୍ବାଦ ବର୍ଷା କରୁନ୍ତୁ ।" ଉଲ୍ଲେଖନୀୟ ଯେ, ଏହି ଶ୍ଳୋକ ଦେବୀଙ୍କ ସର୍ବବ୍ୟାପୀ ଓ ଶକ୍ତିସ୍ୱରୂପ ରୂପର ସ୍ତୁତି କରେ । ଏହାର ପାଠ ଦ୍ୱାରା ଜ୍ଞାନ, ବଳ ଓ ଶକ୍ତି ପ୍ରାପ୍ତ ହୋଇଥାଏ ।

# ଅନୁଗୋଳରେ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ନାରୀ କେବଳ ପରିବାରର ନୁହେଁ, ସମାଜ ଓ ଜାତିର ମୂଳ ଶକ୍ତି ଭାବେ ପରିଚିତ । ନାରୀଶକ୍ତିର ବିଶାଳ ସମାଗମ ଭବିଷ୍ୟତ ଓଡ଼ିଶାର ଉନ୍ନତି ପାଇଁ ଏକ ସକାରାତ୍ମକ ସଙ୍କେତ ବୋଲି ଅନୁଗୋଳରେ ଆୟୋଜିତ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ପଂଚାୟତରୁ ସଂସଦ ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ କରି କହିଥିଲେ ଯେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଆବଶ୍ୟକ । ସେ କହିଥିଲେ ଯେ ନାରୀଙ୍କ ଉନ୍ନତି ବିନା ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ ଓ ନାରୀ ସଶକ୍ତିକରଣ ହେଉଛି ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ମୂଳ ଆଧାର । ନାରୀ ଶକ୍ତି ବନ୍ଦନ ବିଲ୍ କୁ ବିରୋଧ ଅର୍ଥ ନାରୀ ଶକ୍ତିର ଅସମ୍ମାନ । ଏହାର ବିରୋଧ ହେଉଛି ନାରୀ ସଶକ୍ତିକରଣର ବିରୋଧ । ଏହାକୁ ନାରୀ ସମାଜ କେବେ କ୍ଷମା ଦେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଭାରତୀୟ ସଂସ୍କୃତିରେ ନାରୀଙ୍କ ସମ୍ମାନ ଓ ପୂଜାର ପରମ୍ପରାକୁ ଉଲ୍ଲେଖ କରି କହିଥିଲେ ଯେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ" ବାକ୍ୟ



ଆମ ସମାଜର ମୂଲ୍ୟବୋଧକୁ ପ୍ରକାଶ କରେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି 'ମହିଳାଙ୍କ ନେତୃତ୍ୱରେ ବିକାଶ' ଆଜି ଦେଶର ମହିଳାମାନଙ୍କୁ ନୂଆ ଦିଗ ଦେଉଛି । ମହିଳାମାନେ ଆଜି ଶିକ୍ଷା, ସୁରକ୍ଷା, ବିଜ୍ଞାନ, କ୍ରୀଡ଼ା ଓ ପ୍ରଶାସନ ସମେତ ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ ପ୍ରମାଣ କରୁଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସେ ନାରୀଶକ୍ତିର ପ୍ରେରଣାଦାୟୀ ପ୍ରତୀକ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଅନୁଗୋଳ ଜିଲ୍ଲାରେ ୯୦ ହଜାରରୁ ଅଧିକ ଲକ୍ଷପତି ଦିଦି ଥିବାବେଳେ ସମଗ୍ର ରାଜ୍ୟରେ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଅଛନ୍ତି ବୋଲି ପ୍ରକାଶ କରିଥିଲେ । ଏହାଛଡ଼ା "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା"ରେ ୩୮ ଜଣ କନ୍ୟାଙ୍କ ବିବାହ ପାଇଁ ୧.୭୧ କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଛି ଏବଂ ଆଗାମୀ ବର୍ଷ ପାଇଁ ୧୧.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି କହିଥିଲେ ।

# ଶକ୍ତି ବିଭାଗ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆଗାମୀ ଗ୍ରୀଷ୍ମ ମାସଗୁଡ଼ିକରେ ପିକ୍ ଆୱାର ସମୟରେ ରାଜ୍ୟର ହାଇଡ୍ରୋ ପାୱାର ଜେନେରେସନ୍ ସର୍ବାଧିକ କରିବା ପାଇଁ ଓଡ଼ିଶା ଜଳବିଦ୍ୟୁତ୍ ନିଗମ୍ (ଓଏଚ୍‌ପିସି) ସହିତ ଆଲୋଚନା କରାଯାଇଛି ବୋଲି ଶୁକ୍ରବାର ହୋଇଥିବା ଶକ୍ତି ବିଭାଗର ସମୀକ୍ଷା ବୈଠକରୁ ଜଣାଯାଇଛି । ବୈଠକରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧ୍ୟକ୍ଷତା କରିଥିଲେ । ଗ୍ରୀଷ୍ମ ଋତୁରେ ବିଦ୍ୟୁତ ସେବା ଯେପରି ସ୍ୱାଭାବିକ ରହେ ଓ ଏଥିରେ କୌଣସି ପ୍ରକାରର ବ୍ୟାଘାତ ସୃଷ୍ଟି ନହୁଏ, ତାହା ସୁନିଶ୍ଚିତ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମ ଋତୁରେ ପିକ୍ ଡିମାଣ୍ଡକୁ ଆଖିରେ ରଖି ଚାହିଦା ପୂରଣ କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଛି । ଏପ୍ରିଲ ମାସ ପାଇଁ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଚାହିଦା ୬୦୮୭ ମେଗାୱାଟ ରହିଛି, ଯାହାକୁ ଅତି ସଫଳତାର ସହ ପୂରଣ କରାଯାଉଛି । ମେ ମାସରେ ସର୍ବାଧିକ ଚାହିଦା ୬୨୦୦ ମେଗାୱାଟ ଏବଂ ଜୁନ୍ ମାସରେ



୬୧୦୦ ମେଗାୱାଟ ହେବା ନେଇ ଆଶା କରାଯାଉଛି । ଗତ ବର୍ଷ ତୁଳନାରେ ଚଳିତ ଏପ୍ରିଲରେ ବିଦ୍ୟୁତ ଚାହିଦାରେ ୨ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି । ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ସହ ବିଭାଗ ପକ୍ଷରୁ ସମନ୍ୱୟ ରକ୍ଷା କରାଯାଇଛି । ଏହାସହ ପାୱାର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା କରାଯାଇଛି । ୫୦ରୁ ୧୦୦ ମେଗାୱାଟ ବିଦ୍ୟୁତ କ୍ରୟ ପାଇଁ ଆରଏସ୍‌ପି ସହିତ ଆଲୋଚନା ଜାରି ରହିଛି । ଏହାସହ ରାଜ୍ୟର ଚାହିଦା ପୂରଣ କରିବା ପାଇଁ ଆବଶ୍ୟକତା ଅନୁଯାୟୀ ପାୱାର ଏକ୍ସଚେଞ୍ଜରୁ ବିଦ୍ୟୁତ କ୍ରୟ ବ୍ୟବସ୍ଥା କରାଯାଇଛି । ଗ୍ରାହକ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । କଲ୍ ସେଂଟରର କ୍ଷମତା ଦୈନିକ ୧୦୦ ରୁ ୧୫୦ ଲଗଇନ୍‌କୁ ବୃଦ୍ଧି କରାଯାଇଛି । ଗ୍ରାହକମାନେ ଯେପରି ବିଦ୍ୟୁତ ସେବା ବ୍ୟାଘାତ ସମ୍ବନ୍ଧୀୟ ଲାଇଭ୍ ସୂଚନା ତୁରନ୍ତ ପାଇପାରିବେ, ସେଥିପାଇଁ ମିସଡ୍-କଲ୍ ଏବଂ ସିଙ୍ଗଲ୍-କ୍ଲିକ୍ ସୁବିଧା ଆରମ୍ଭ କରାଯାଇଛି । ଆଇଭିଆରଏସ୍, ୱେବସାଇଟ୍, ଆପ୍ ଏବଂ ସ୍ୱୟଂ ସେବା ମାଧ୍ୟମରେ ଅନଲାଇନ୍ ଅଭିଯୋଗ ପଞ୍ଜୀକରଣକୁ ସହଜ କରାଯାଇଛି ।






# ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ ସମ୍ପର୍କିତ ବୈଠକରେ ସମୀକ୍ଷା କଲେ ମୁଖ୍ୟ ଶାସନ



ଭୁବନେଶ୍ୱର : ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ ( ଟିଏଫଏଲ ) କାର୍ଯ୍ୟକାରୀ ଅଗ୍ରଗତି ସଂପର୍କରେ ଗତକାଲି ସଂଧ୍ୟାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ , ଗୃହ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଓପିଟିସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭାସ୍କର ଶର୍ମା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଟିପିସିଓଡିଏଲ, ଅତିରିକ୍ତ ରେଲୱେ ମଣ୍ଡଳ ପ୍ରବନ୍ଧକ (ଏଡିଆରଏମ୍), ଖୋର୍ଦ୍ଧା, ପୂର୍ବତଟ ରେଳପଥ ପ୍ରମୁଖ ଯୋଗଦେଇଥିବା ବେଳେ ଜିଲ୍ଲାପାଳ, ଅନୁଗୋଳ, ଆରକ୍ଷୀ ଅଧିକ୍ଷକ, ଅନୁଗୋଳ, ଜିଲ୍ଲା ବନ ଖଣ୍ଡ ଅଧିକାରୀ ପ୍ରମୁଖ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ । ବୈଠକରେ ଟିଏଫଏଲ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ରହୁଥିବା ଆନୁଷଙ୍ଗିକ ସମସ୍ୟା ଓ ସେସବୁର ତ୍ୱରିତ ସମାଧାନ ନେଇ ଆଲୋଚନା କରାଯାଇଥିଲା । ଏହି ପ୍ରକଳ୍ପ ଡିସେମ୍ବର ୨୦୨୭ ସୁଦ୍ଧା କାର୍ଯ୍ୟକାରୀ ହେବା ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି । ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିୟମିତ ସମୀକ୍ଷା କରାଯାଉଥିବା "ପ୍ରଗତି" ପ୍ଲାଟଫର୍ମରେ ସ୍ଥାନ ପାଇ ଅଛି । ଅନୁଷ୍ଠିତ ବୈଠକରେ ଏହି ପ୍ରକଳ୍ପ କାର୍ଯ୍ୟକାରିତାରେ ଆବଶ୍ୟକ ହେଉଥିବା ୨୨୦ କେଭି ଲାଇନ୍ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ ଆଗାମୀ ୨୦୨୬ ଡିସେମ୍ବର ସୁଦ୍ଧା ଯୋଗାଇଦେବା ପାଇଁ ଓପିଟିସିଏଲ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି । ସେହିଭଳି ୩୩ କେଭି ଲାଇନ୍ ଯିବା ପାଇଁ ରେଲୱେ ସାଇଡିଂ କାର୍ଯ୍ୟ କରାଯିବା ନେଇ ପଦକ୍ଷେପ ନିଆଯାଇଛି । ରହୁଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟ, ଧାର୍ଯ୍ୟ ଅନୁସାରେ ବିସ୍ଥାପନ କ୍ଷତିପୂରଣ ଆଦି ସଂପର୍କରେ ବୈଠକରେ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଥିଲା ।

# ନୂତନ ଅପରାଧିକ ଆଇନରେ ବଢୁଛି ଦଣ୍ଡବିଧାନହାର : ଡିଜିପି



କଟକ: ୧ ଜୁଲାଇ ୨୦୨୪ ରେ ଭାରତୀୟ ନ୍ୟାୟ ସଂହିତା । (ବିଏନ୍‌ଏସ୍) ଲାଗୁ ହୋଇଥିଲା । ଏହି ନୂତନ ଆଇନ ଲାଗୁ ହେବାର ୧ ବର୍ଷ ମଧ୍ୟରେ ଏହାର ସୁଫଳ ଅନୁଭୂତ ହୋଇଛି । ଗୋଟିଏ ବର୍ଷ ଭିତରେ ଦଣ୍ଡ ବିଧାନ ହାର ୮୭ ପ୍ରତିଶତରୁ ଅଧିକ ହୋଇପାରିଛି ବୋଲି ଡିଜିପି ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି । କଟକ ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପୁଲିସ ମହାନିର୍ଦ୍ଦେଶକ କହିଛନ୍ତି, ନ୍ୟାୟ ସଂହିତା ଆସିବା ପରେ ଜଘନ୍ୟ ଅପରାଧ ମାମଲାରେ ତଦନ୍ତକୁ ଶୀଘ୍ର ଶେଷ କରି ଦଣ୍ଡବିଧାନକୁ ତ୍ୱରିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗଲା ବର୍ଷକ ଭିତରେ, ରାଜ୍ୟରେ, ୩୬୦ ମାମଲାରେ ତ୍ୱରିତ ଗତିରେ ତଦନ୍ତ ସରି ଦଣ୍ଡବିଧାନ ହୋଇଛି । ଏ ସବୁ ମାମଲାରେ ୭ ବର୍ଷ ରୁ ଅଧିକ ଦଣ୍ଡ ବିଧାନ କରାଯାଇଛି । ତିନିଟି ମାମଲାରେ ଫାଶୀ ଦଣ୍ଡାଦେଶ କରାଯାଇଛି । ଅନେକ ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଅନେକ ମାମଲାରେ ୧୦ବର୍ଷରୁ ଅଧିକ ଜେଲ୍ ଦଣ୍ଡ ବିଧାନ କରାଯାଇଛି । ଦୋଷୀଙ୍କୁ ଧରିବା, ମାମଲାର ତଦନ୍ତ କରି ଅଭିଯୋଗ ଫର୍ଦ୍ଦ ଦାଖଲ କରିବାରେ ଜିଲ୍ଲାରେ ତଦନ୍ତକାରୀ ଅଫିସର, ସୁପରଭାଇଜିଂ ଅଫିସର୍ ଏକ ସୁସଂଗଠିତ ଦଳ ଭାବେ କାମ କରିଥିବାରୁ ପୁଲିସ ମହାନିର୍ଦ୍ଦେଶକ ଧନ୍ୟବାଦ ଜଣାଇଛନ୍ତି । ଏହା ସହ, ୧୦ ଜିଲ୍ଲା ର ୨୭ ଟି ମାମଲାରେ ତଦନ୍ତକୁ ଅଫିସର, ସୁପରଭାଇଜିଂ ଅଫିସର, ପବ୍ଲିକ ପ୍ରସେକ୍ୟୁଟର, ଜିଲ୍ଲା ଏସପି ଙ୍କୁ ଡକାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଛି ।

# ଆଇପିଏଲ-୨୦୨୬ : ଗୁଜରାଟ ଆଗରେ ୧୮୧ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା କୋଲକାତା



ଅହମଦାବାଦ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୫ତମ ମୁକାବିଲା ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଛି । ଆୟୋଜକ ଗୁଜରାଟ ଟାଇଟନ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଏହି ମ୍ୟାଚ୍ ଜାରି ରହିଛି । କୋଲକାତାର ଅଧିନାୟକ ଆଜିଙ୍କ୍ୟ ରହାଣେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ । କୋଲକାତା ନିର୍ଦ୍ଧରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୦ ରନ୍ କରିଛି । ଫଳରେ ଗୁଜରାଟକୁ ୧୮୧ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି । କୋଲକାତା ପାଇଁ ଏକମାତ୍ର ବ୍ୟାଟର ଭାବେ କ୍ୟାମରନ୍ ଗ୍ରିନ୍ ସଫଳତାର ସହିତ ବ୍ୟାଟିଂ କରିଥିଲେ । ଜଣକ ପରେ ଜଣେ ଖେଳାଳି ଆଉଟ୍ ହୋଇ ପାଭିଲିଅନ୍ ? ଫେରି ଯାଉଥିବା ବେଳେ ମଧ୍ୟକ୍ରମର ବିଦେଶୀ ଖେଳାଳି ଧୈର୍ଯ୍ୟର ସହିତ ବ୍ୟାଟିଂ କରିଥିଲେ । ଗ୍ରିନ୍ ସର୍ବାଧିକ ୭୯ ରନ୍ ସଂଗ୍ରହ କରିଥିଲେ । ଏଥି ପାଇଁ ସେ ୫୫ଟି ବଲ୍ ଖେଳିଥିଲେ ଏବଂ ୭ଟି ଚୌକା ସହିତ ୪ଟି ଛକା ମାରିଥିଲେ । କୋଲକାତା ପାଇଁ ରୋଭମ୍ୟାନ୍ ପାୱେଲ ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୨୦ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ସହିତ ୨୭ ରନ୍ କରିଥିଲେ । ଟିମ୍ ସେଫର୍ଟ ୧୪ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୯ ରନ୍ କରିଥିଲେ । ସେହିପରି ରମନଦୀପ ସିଂହ ୮ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୭ ରନ୍ ସଂଗ୍ରହ କରିଥିଲେ । ଅନ୍ୟ ବ୍ୟାଟରମାନଙ୍କର ବ୍ୟକ୍ତିଗତ ସ୍କୋର ନୈରାଶ୍ୟଜନକ ଥିଲା ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**